ODIA DAILY EDITION
26.04.2024
କଟକ, ଶୁକ୍ରବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.00
ଏପ୍ରିଲ-୨୬, ୨୦୨୪
ବର୍ଷ-୩୫, ସଂଖ୍ୟା-୨୮୯
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA
34 Years of publication SINCE 1989
Epaper- www.matrubhasa.com matrubhasanews@gmail.com matrubhasanews@yahoo.co.in facebook.com/matrubhasanews

## ପୋଖରୀରେ ବୁଡ଼ି ୨ ଭଉଣୀ ମୃତ

**ପୁରୀ, ୨୫।୪:** ପୋଖରୀରେ ବୁଡ଼ି ଦୁଇ ଭଉଣୀ ମୃତ। ମୃତକଙ୍କ ନାଁ ହେଉଛି ସ୍ମୃତି ରେଖା ବରାଳ ଓ ଶୁଭଶ୍ରୀ ବରାଳ। ତାଙ୍କ ଘର ହେଉଛି ପୁରୀ ଜିଲ୍ଲା ଗୋପ ଥାନା ଅନ୍ତର୍ଗତ ଡଭାର ଗାଁରେ ବୋଲି ଜଣାପଡ଼ିଛି। ଡଭାର ଗାଁରେ ଥିବା ବଡ଼ ପୋଖରୀକୁ ଗାଧୋଇବାକୁ ଯାଇଥିଲେ ଦୁଇ ଭଉଣି। ସେଠାରେ ଗଧୋଇଲା ବେଳେ ପାଣିରେ ବୁଡ଼ି ଯାଇଥିଲେ। ବିଳମ୍ବିତ ସମୟ ଯାଏଁ ଉଭୟ ଘରକୁ ନ ଫେରିବାରୁ ପରିବାର ଲୋକେ ଓ ଗାଁ ଲୋକେ ଖୋଜାଖୋଜି କରିବା ପରେ ଉଭୟଙ୍କୁ ଅଚେତ ଅବସ୍ଥାରେ ଗାଁ ଲୋକେ ପୋଖରୀରୁ ଉଦ୍ଧାର କରିଥିଲେ। ଏହା ପରେ ଦୁଇ ଭଉଣୀଙ୍କୁ ସଙ୍ଗେସଙ୍ଗେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ପରିବାରୁ ଲୋକ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

## ବାୟୁସେନାର ଟୋହି ବିମାନ ଜୈସଲମେରରେ କ୍ରାସ୍

**ଜୈସଲମେର, ୨୫।୪:** ଜୈସଲମେର ଜିଲ୍ଲା ମୁଖ୍ୟାଳୟ ଠାରୁ ୩୦ କି.ମି. ଦୂରରେ ଗୁରୁବାର ସକାଳ ପ୍ରାୟ ୧୦ଟା ସମୟରେ ଭାରତୀୟ ବାୟୁସେନାର ଏକ ଟୋହି ବିମାନ କ୍ରାସ୍ ହୋଇଛି । ପିଥଳା-ଜାଜିୟା ଗ୍ରାମ ନିକଟ ରୋଜାଣିଯୋର ଡାଣିରେ ହୋଇଛି । ଦୁର୍ଘଟଣାରେ କେହି ମୃତାହତ ହୋଇଥିବା ନେଇ କୌଣସି ସୂଚନା ନାହିଁ । ବାୟୁସେନା ନିଜ ଅଫିସିଆଲ୍ ହେଣ୍ଡେଲ ଏକ୍ସରେ ଦୁର୍ଘଟଣା ବାବଦରେ ସୂଚନା ଦେଇଛି । ବାୟୁସେନା ପକ୍ଷରୁ ଏକ୍ସରେ ଉଲ୍ଲେଖ କରାଯାଇଛି ଯେ, ଭାରତୀୟ ବାୟୁସେନାର ରିମୋଟ୍ ସଂଚାଳିତ ବିମାନ ନିୟମିତ ପ୍ରଶିକ୍ଷଣ ଉଡ଼ାଣ ସମୟରେ ଆଜି ଜୈସଲମେର ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି । କୌଣସି କର୍ମୀ କିମ୍ବା ସମ୍ପତ୍ତିର କୌଣସି କ୍ଷୟକ୍ଷତି ହୋଇନାହିଁ । ଦୁର୍ଘଟଣାର କାରଣ ଖୋଜି ବାହାର କରିବା ପାଇଁ କୋର୍ଟ ଅଫ୍ ଇନକ୍ୱାରୀ ଗଠନ କରାଯାଇଛି ।

## ପଦ୍ମ ଧରିଲେ ପ୍ରବୋଧ ତିର୍କୀ


**ଭୁବନେଶ୍ୱର, ୨୫।୪:** ପୂର୍ବତନ ଭାରତୀୟ ହକି ଟିମ୍ ଅଧିନାୟକ ପ୍ରବୋଧ ତିର୍କୀ ଗୁରୁବାର ବିଜେପିରେ ଯୋଗ ଦେଇଛନ୍ତି। ସୋନପୁର ଠାରେ ଅନୁଷ୍ଠିତ ବିଜେପି ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଭାପତି ମନମୋହନ ସାମଲ, ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ପ୍ରମୁଖଙ୍କ ଉପସ୍ଥିତିରେ ପ୍ରବୋଧ ବିଧିବଦ୍ଧ ଭାବେ ବିଜେପିରେ ଯୋଗ ଦେଇଛନ୍ତି।

| | |
|---|---|
| ସେନ୍‌ସେକ୍ସ | ୭୪,୩୩୯ |
| ନିଫ୍ଟି | ୨୨,୫୭୦ |
| ସୁନା/୧୦ଗ୍ରା | ୭୩,୪୯୫ |
| ରୂପା/କିଗ୍ରା | ୮୨,୫୦୦ |
| ଡଲାର | ୮୩.୨୮ |

### ପାଣିପାଗ

| | |
|---|---|
| **ସର୍ବାଧିକ** | |
| ଭୁବନେଶ୍ୱର: | ୪୨.୨° |
| କଟକ: | ୪୩.୦° |
| **ସର୍ବନିମ୍ନ** | |
| ଭୁବନେଶ୍ୱର: | ୨୪.୪° |
| କଟକ: | ୨୫.୬° |

### ହାଲ୍‌ଚାଲ୍



ଦେଶର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଆଜି ହୋଇବ
ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି
ଅଠାଅଶି ଆସନରେ ଭୋଟ୍ ପଡ଼ିବ
ରାହୁଲ, ଶଶି, ହେମାଙ୍କ ଭଳି ନେତାଙ୍କ ଭାଗ୍ୟ ପରୀକ୍ଷା ହେବ ।


# ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ମତଦାନ

- ୮୮ ଆସନରେ ହେବ ମତଦାନ
- ୧୨୦୬ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା
- ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

**ନୂଆଦିଲ୍ଲୀ, ୨୫।୪:** ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର ଶେଷ ହୋଇଛି । ଏପ୍ରିଲ ୨୬ ତାରିଖରେ ୧୨ ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳରେ ୮୮ଟି ଆସନରେ ମତଦାନ ହେବାକୁ ଯାଉଛି । ୧୨୦୬ ପ୍ରାର୍ଥୀ ଭାଗ୍ୟ ପରୀକ୍ଷା କରିବେ। ମଧ୍ୟପ୍ରଦେଶର ବୈତୁଲ ଆସନର ବିଏସପି ପ୍ରାର୍ଥୀଙ୍କ ମୃତ୍ୟୁ ହୋଇଥିବାରୁ ଏହି ଆସନରେ ମତଦାନ ସ୍ଥଗିତ ରହିଛି । କେରଳରେ ସର୍ବାଧିକ ୨୦ଟି ଲୋକସଭା ଆସନ, କର୍ଣ୍ଣାଟକରେ ୧୪ଟି, ରାଜସ୍ଥାନରେ ୧୩ଟି ଆସନରେ ମତଦାନ ହେବ ।

ଦେଶରେ ଶୁକ୍ରବାର ଅନୁଷ୍ଠିତ ହେବାକୁ ଯାଉଛି ଦ୍ୱିତୀୟ ପର୍ଯ୍ୟାୟ ମତଦାନ । ଏହି ଦ୍ୱିତୀୟ ପର୍ଯ୍ୟାୟ ମତଦାନରେ କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ, ଶଶି ଥରୁର୍, ଅଭିନେତାରୁ ନେତା ହୋଇଥିବା ଅରୁଣ ଗୋବିଲ ପ୍ରମୁଖ ପ୍ରାର୍ଥୀ ରହିଛନ୍ତି । ଏହାସହ ବିଜେପିର ହେମାମାଳିନୀ, ଓମ୍ ବିର୍ଲା, ଗଜେନ୍ଦ୍ରସିଂ ଶେଖାୱତ ନିଜ ନିଜ ନିର୍ବାଚନ ମଣ୍ଡଳୀରେ ତୃତୀୟ ଥର ପାଇଁ ଭାଗ୍ୟ ପରୀକ୍ଷା କରୁଛନ୍ତି । ଲୋକସଭା ନିର୍ବାଚନ ମୋଟ ୭ଟି ପର୍ଯ୍ୟାୟରେ ହେବ । ପ୍ରଥମ ପର୍ଯ୍ୟାୟରେ ୨୧ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ୧୦୨ ଲୋକସଭା ଆସନ ପାଇଁ ମତଦାନ ହୋଇସାରିଛି । ଏଥିରେ ୬୫.୫ ପ୍ରତିଶତ ଭୋଟିଂ ହୋଇଛି ।

ଦ୍ୱିତୀୟ ପର୍ଯ୍ୟାୟ ମତଦାନରେ କେରଳର ସମସ୍ତ ୨୦ଟି ଆସନ, କର୍ଣ୍ଣାଟକର ୨୮ ଆସନରୁ ୧୪ଟି ଆସନ, ରାଜସ୍ଥାନର ୧୩ଟି ଆସନ,



ଆସାମ ଓ ବିହାରରେ ୫ଟି ଲେଖାଏଁ ଆସନ, ଛତିଶଗଡ ଓ ପଶ୍ଚିମବଙ୍ଗରେ ୩ଟି ଲେଖାଏଁ ଆସନ, ମଣିପୁର, ତ୍ରିପୁରା ଓ ଜମ୍ମୁ-କାଶ୍ମୀରର ଗୋଟିଏ ଲେଖାଏଁ ଆସନ ପାଇଁ ଭୋଟ ଗ୍ରହଣ ହେବ ।

ଯଦି ରାଜ୍ୟକୁ ରାଜ୍ୟ ଆଲୋଚନା କରିବା କର୍ଣ୍ଣାଟକ ବେଙ୍ଗାଲୁରୁ ଆସନରୁ ବିଜେପିରୁ ତେଜସ୍ୱୀ ସୂର୍ଯ୍ୟା, ଛତିଶଗଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ, ମଧ୍ୟପ୍ରଦେଶ ଟିକମଗଡ ଆସନରୁ ବିଜେପିର ବିରେନ୍ଦ୍ର କୁମାର ଖଟିକ, କେରଳର ଅଲ୍ଲାପୁଝାରୁ କଂଗ୍ରେସ ମହାସଚିବ କେ.ସି ବେଣୁଗୋପାଳ ସେମାନଙ୍କର ଭାଗ୍ୟ ପରୀକ୍ଷା କରିବାକୁ ଯାଉଛନ୍ତି ।

ଏପ୍ରିଲ ୧୯ତାରିଖରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ମତଦାନରେ ପ୍ରାୟ ୬୪ ପ୍ରତିଶତ ମତଦାନ ହୋଇଥିଲା । ଚଳିତ ଲୋକସଭା ନିର୍ବାଚନ ୭ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେଉଛି । ଜୁନ୍ ପହିଲାରେ ଶେଷ ପର୍ଯ୍ୟାୟ ଓ ଜୁନ୍ ୪ ତାରିଖରେ ଭୋଟ ଗଣତି ହେବା ସହ ଫଳାଫଳ ପ୍ରକାଶ ପାଇବ ।

**ଏହି ଦ୍ୱିତୀୟ ପର୍ଯ୍ୟାୟ ମତଦାନରେ କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ, ଶଶି ଥରୁର୍, ଅଭିନେତାରୁ ନେତା ହୋଇଥିବା ଅରୁଣ ଗୋବିଲ ପ୍ରମୁଖ ପ୍ରାର୍ଥୀ ରହିଛନ୍ତି । ଏହାସହ ବିଜେପିର ହେମାମାଳିନୀ, ଓମ୍ ବିର୍ଲା, ଗଜେନ୍ଦ୍ରସିଂ ଶେଖାୱତ ନିଜ ନିଜ ନିର୍ବାଚନ ମଣ୍ଡଳୀରେ ତୃତୀୟ ଥର ପାଇଁ ଭାଗ୍ୟ ପରୀକ୍ଷା କରୁଛନ୍ତି ।**

# ଯେଉଁଠି ଡବଲ ଇଞ୍ଜିନ ସରକାର ସେଠି ବିକାଶ ଦୁଇଗୁଣ

- ସୋନପୁରରୁ ଶାହଙ୍କ ହୁଙ୍କାର
- ବିଜେପିର ବିଜୟ ସଂକଳ୍ପ ସମାବେଶକୁ ସମ୍ବୋଧିତ କଲେ
- ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଲେ

**ଭୁବନେଶ୍ୱର, ୨୫।୪:** ରାଜ୍ୟରେ ଗୁରୁବାର ନିର୍ବାଚନୀ ପ୍ରଚାରର ବିଗୁଲ୍ ଫୁଙ୍କିଛନ୍ତି ବିଜେପି ଚାଣକ୍ୟ ତଥା କେନ୍ଦ୍ର ସରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ । ଆଉ ସିଧାସଳଖ ନବୀନ ପଟ୍ଟନାୟକଙ୍କୁ କଡ଼ା ସମାଲୋଚନା କରି ଏ ସରକାର ଅଫିସରମାନଙ୍କ ମାଧ୍ୟମରେ ଭୟଙ୍କର ଦୁର୍ନୀତିରେ ଲିପ୍ତ ବୋଲି କହିଛନ୍ତି । ଖୋଲାଖୋଲି ଖଣି ଲୁଟ୍ ଚାଲିଛି । ଦେଶର ସବୁଠୁ ଅଧିକ ଖଣିଜ ସମ୍ପଦ ଓଡ଼ିଶାରେ, ମାତ୍ର ସବୁଠୁ ବେଶୀ ଦାରିଦ୍ର୍ୟ ବି ଓଡ଼ିଶାରେ । ୨୦ବର୍ଷ ତଳେ ଓଡ଼ିଶାର ବିକାଶ ଯାହା ଥିଲା, ଏବେବି ସେୟା ରହିଛି । ପର୍ଯ୍ୟଟନର ବିକାଶ ନାଁରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ର ପୁରୀର ଗୌରବ ହାନି କରାଯାଇଛି । ଯିଏ ଓଡ଼ିଶାର ଭାଷା, ସଂସ୍କୃତି ଓ ଗୌରବରୁ ଦୂରେଇ ରହିଛି ସିଏ କଦାପି ପ୍ରଦେଶକୁ ଆଗେଇ ନେଇପାରିବ ନାହିଁ । ଏଭଳି କିଛି ଢଙ୍ଗରେ ନବୀନ ପଟ୍ଟନାୟକଙ୍କୁ ସମାଲୋଚନା କରି ଶ୍ରୀ ଶାହ ବିଜେପିକୁ ଏଠାରେ ମାତ୍ର ୫ବର୍ଷ ଶାସନ ପାଇଁ ସୁଯୋଗ ଦେବାକୁ ରାଜ୍ୟବାସୀଙ୍କୁ ଆହ୍ୱାନ କରିବା ସହ ଓଡ଼ିଶାକୁ ଦେଶର ଏକ ନମ୍ବର ରାଜ୍ୟରେ ପରିଣତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।



ସୋନପୁରର ରାମେଶ୍ୱର ଷ୍ଟାଡ଼ିୟମଠାରେ ବିଜେପିର 'ବିଜୟ ସଂକଳ୍ପ ସମାବେଶ'କୁ ସମ୍ବୋଧିତ କରିଛନ୍ତି ବିଜେପିର ଚାଣକ୍ୟ ଶ୍ରୀ ଶାହ । ଓଡ଼ିଶାରେ ଚାରିଟି ପର୍ଯ୍ୟାୟ ନିର୍ବାଚନର ପ୍ରଚାର ପାଇଁ ଆଜି ବିଗୁଲ୍ ଫୁଙ୍କି ନିଜ କର୍ମୀ ଓ କ୍ୟାଡ଼ରଙ୍କ ମନୋବଳ ବଢ଼ାଇବା ସହ ଏଠାରେ ବିଜେଡି ଓ ନବୀନ ପଟ୍ଟନାୟକଙ୍କୁ ବିଜେପି ସିଧାସଳଖ ଟାର୍ଗେଟ୍ କରିବ ବୋଲି ସନ୍ଦେଶ ଦେଇଛନ୍ତି । ଓଡ଼ିଶାରେ ନିର୍ବାଚନୀ ପ୍ରଚାର ମଇଦାନରେ ବିଜେପିର ପ୍ରଥମ ଷ୍ଟାର ପ୍ରଚାରକ ଭାବେ ଶ୍ରୀ ଶାହ ବିଜେଡି ସରକାର ଓ ନବୀନ ପଟ୍ଟନାୟକଙ୍କୁ ଶାଣିତ ସମାଲୋଚନା କରିବାକୁ ପଛାଇନାହାନ୍ତି ।

ପୁରୀ ଶ୍ରୀମନ୍ଦିର ପ୍ରକଳ୍ପକୁ ନେଇ ବାହାବା ସାଉଁଟିବାକୁ ପ୍ରୟାସ କରୁଥିବା ବିଜେଡିକୁ କଟାକ୍ଷ କରି ଶ୍ରୀ ଶାହ କହିଛନ୍ତି ଯେ, ପର୍ଯ୍ୟଟନର ବିକାଶ ନାଁରେ ପୁରୀ ଶ୍ରୀଜଗନ୍ନାଥ ପୀଠର ଗୌରବକୁ ନଷ୍ଟ କରାଯାଇଛି । ବିଜେପି ଏଠାରେ ସରକାରକୁ ଆସିଲେ କାଶୀବିଶ୍ୱନାଥ ଭଳି ପୁରୀର ବିକାଶ କରି ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରାଯିବ । ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ସ୍ଥାପନ କାର୍ଯ୍ୟକ୍ରମରୁ ଲୋକଙ୍କ ଦୃଷ୍ଟି ଏଡ଼ାଇବା ପାଇଁ ନବୀନ ପଟ୍ଟନାୟକ ସରକାର ଉଦ୍ୟମ କରିଥିଲେ । କିନ୍ତୁ ଓଡ଼ିଶାବାସୀ ରାମମନ୍ଦିର ଉତ୍ସବକୁ ପାଳନ କରିଥିଲେ ବୋଲି ଶ୍ରୀ ଶାହା କହିଛନ୍ତି ।

**ବିଜେପିକୁ ମାତ୍ର ୫ବର୍ଷ ସୁଯୋଗ ଦେବାକୁ ଆହ୍ୱାନ**

ନବୀନ ପଟ୍ଟନାୟକଙ୍କୁ ସିଧାସଳଖ ଟାର୍ଗେଟ୍ କରି କହିଛନ୍ତି ଯେ, ଯିଏ ଓଡ଼ିଶାର ଭାଷା, ସାହିତ୍ୟ ଓ ସଂସ୍କୃତିଠୁ ଦୂରେଇ ରହୁଛନ୍ତି, ସେ କଦାପି ପ୍ରଦେଶକୁ ଆଗେଇ ନେଇପାରିବେ ନାହିଁ । ଏ ସରକାର ଓଡ଼ିଶାକୁ ବିକାଶରୁ ବଞ୍ଚିତ କରିଛି ଓ ଅଫିସରମାନଙ୍କ ମାଧ୍ୟମରେ ଭୟଙ୍କର ଭ୍ରଷ୍ଟାଚାର କରିଛି । ବିକାଶର ପ୍ରଚୁର ସମ୍ଭାବନା ଓଡ଼ିଶାରେ ରହିଛି । ଓଡ଼ିଶାରେ ଖଣିଜ ସମ୍ପଦ ସବୁଠୁ ବେଶୀ ଅଛି, କିନ୍ତୁ ଦାରିଦ୍ର୍ୟ ବି ଓଡ଼ିଶାରେ ସବୁଠୁ ଅଧିକ । ଏଠାରେ ଖଣିଜ ସମ୍ପଦ ଲୁଟ୍ ଚାଲିଛି । ବିଜେପି ସରକାର ଗଢ଼ିଲେ ସେହି ଖଣିଜ ସମ୍ପଦର ସୁବିନିଯୋଗ କରି ଆଦିବାସୀମାନଙ୍କ କଲ୍ୟାଣ କରିବ । ଓଡ଼ିଶାରେ ସର୍ବାଧିକ ଖଣିଜ ସମ୍ପଦ ରହିଛି କିନ୍ତୁ ଏଠାରେ ସମୃଦ୍ଧି ଆସିପାରିନି ବୋଲି ସେ କହିଛନ୍ତି । ଓଡ଼ିଶାର ଯୁବକମାନେ ରୋଜଗାର ପାଇଁ ଗୁଜୁରାଟ, ମୁମ୍ବାଇ, ପଞ୍ଜାବ, ଦିଲ୍ଲୀ ଆଦି ରାଜ୍ୟକୁ ଯାଉଛନ୍ତି । ବିଜେପି ସରକାର ଗଢ଼ିଲେ କାହାରିକୁ ଆଉ ବାହାର ରାଜ୍ୟକୁ ଯିବାକୁ ପଡ଼ିବ ନାହିଁ ।

ଯେଉଁ ରାଜ୍ୟରେ ବିଜେପିର ସରକାର ଅଛି, ସେଠାରେ ଡବଲ ଇଞ୍ଜିନ ସରକାର ମିଳିତ ଭାବେ ବିକାଶକୁ ଗତିଶୀଳ କରାଇପାରିଛି । ଶ୍ରୀ ଶାହା ଓଡ଼ିଶାବାସୀଙ୍କୁ ଆହ୍ୱାନ ଦେଇ କହିଛନ୍ତି ଯେ, ନବୀନ ପଟ୍ଟନାୟକଙ୍କୁ ୨୫ବର୍ଷ ଶାସନ କରିବାର ସୁଯୋଗ ଦେଇଛନ୍ତି । ବିଜେପିକୁ ମାତ୍ର ୫ବର୍ଷ ସୁଯୋଗ ଦେଲେ ଓଡ଼ିଶାକୁ ଦେଶର ଏକ ନମ୍ବର ରାଜ୍ୟରେ ପରିଣତ କରାଯିବ। ବିଜେପି ସରକାର ଆସିଲେ ସୋନପୁର ଅଂଚଳରେ କପା ଚାଷୀଙ୍କ ପାଇଁ ଟେକ୍ସଟାଇଲ ମିଲ୍ ସ୍ଥାପନ, ମତ୍ସ୍ୟଜୀବୀଙ୍କ ସୁବିଧା ପାଇଁ ଫିସରିଜ୍ କଲେଜ, ଆଗ୍ରୋ ଉଦ୍ୟୋଗ ଓ ଆୟୁର୍ବେଦିକ ଔଷଧ ନିର୍ମାଣକାରୀ କାରଖାନା ପ୍ରତିଷ୍ଠା କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

## ମୋଦୀ ଓ ରାହୁଲଙ୍କୁ ନିର୍ବାଚନ କମିଶନଙ୍କ ଜବାବ ତଲବ



**ବିବାଦୀୟ ଭାଷଣ ପ୍ରସଙ୍ଗ**

ନୂଆଦିଲ୍ଲୀ, ୨୫।୪: ପ୍ରଧାନମନ୍ତ୍ରୀ ମୋଦି ଏବଂ ରାହୁଲ ଗାନ୍ଧିଙ୍କ ବିରୋଧରେ ନିର୍ବାଚନ ଉଲ୍ଲଂଘନ ଅଭିଯୋଗକୁ ନେଇ ଇସି ଏହି ନୋଟିସ୍ ଜାରି କରିଛନ୍ତି। ଏଥିସହ ଉଭୟ ବିଜେପି ଓ କଂଗ୍ରେସକୁ ଏହାର ଜବାବ ମାଗିଛନ୍ତି।

ସୂଚନା ମୁତାବକ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ନିଜ ଭାଷଣ ଜରିଆରେ ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ କରିଥିବା ଅଭିଯୋଗ ହୋଇଛି। ଏହକାକୁ ନେଇ ଏବେ ନିର୍ବାଚନ ଆୟୋଗ ବିଜେପି ଓ କଂଗ୍ରେସକୁ ନୋଟିସ ପଠାଇଛନ୍ତି। ଏପ୍ରିଲ ୨୯ ସକାଳ ୧୧ଟା ସୁଦ୍ଧା ଏହି ନୋଟିସ୍‌ର ଜବାବ ଦାଖଲ କରିବାକୁ ଆୟୋଗ ଉଭୟ ପକ୍ଷଙ୍କୁ କହିଛନ୍ତି। ଲୋକସଭାର ଆଇନର ଧାରା ୭୭ ଅନୁଯାୟୀ ଉତ୍ତର ଦେବାକୁ ନିର୍ବାଚନ ଆୟୋଗ ଉଭୟ ଦଳର ସଭାପତିଙ୍କୁ କହିଛନ୍ତି। ରାଜନୈତିକ ଦଳଗୁଡ଼ିକ ସେମାନଙ୍କ ପ୍ରାର୍ଥୀ ତଥା ବିଶେଷ ରୂପେ ଷ୍ଟାର୍ ପ୍ରଚାରକଙ୍କ ଆଚରଣ ଓ ବ୍ୟବହାର ପାଇଁ ସମ୍ପୂର୍ଣ୍ଣ ରୂପେ ଦାୟିତ୍ୱ ଗ୍ରହଣ କରିବାକୁ। ନଚେତ୍ ଉଚ୍ଚ ପଦବୀରେ ଅବସ୍ଥାପିତ ନେତାଙ୍କ ଭାଷଣ ଯୋଗୁ ଗୁରୁତର ପରିଣାମ ଭୋଗିବାକୁ ପଡ଼ିପାରେ ବୋଲି ନିର୍ବାଚନ ଆୟୋଗ କହିଛନ୍ତି। କହିରଖୁ ଯେ, କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ପ୍ରଧାନମନ୍ତ୍ରୀ ମୋଦି ଏବଂ ବିଜେପି ସଭାପତି ଜେପି ନାଡ୍ଡା ରାହୁଲ ଗାନ୍ଧିଙ୍କ ବିରୋଧରେ ଆଚରଣ ବିଧି ଉଲ୍ଲଙ୍ଘନ କରିଥିବା ଅଭିଯୋଗ କରିଥିଲେ।

# ଜଳୁଛି ଓଡ଼ିଶା ୨ ଦିନ ପାଇଁ ରେଡ୍‌ୱାର୍ଣ୍ଣିଂ

- ଆହୁରି ବଢ଼ିବ ତାତି
- ମଇ ଦ୍ୱିତୀୟ ସପ୍ତାହ ଯାଏଁ ଜାରି ରହିବ

**ଭୁବନେଶ୍ୱର, ୨୫।୪:** ସକାଳୁ ସକାଳୁ ଖରାର ପ୍ରକୋପ ଆରମ୍ଭ ହୋଇ ଯାଉଥିବା ବେଳେ ରାଜ୍ୟରେ ଜାରି ରହିଛି ଗ୍ରୀଷ୍ମ ପ୍ରବାହ । ଗରମ ଓ ଗୁଳୁଗୁଳିରେ ସାରା ରାଜ୍ୟ ସନ୍ତୁଳି ହେଉଥିବା ବେଳେ ଆଗକୁ ସ୍ଥିତି ଆହୁରି ସାଂଘାତିକ ହେବ ବୋଲି ସତର୍କ କରିଦେଇଛି ଆଂଚଳିକ ପାଣିପାଗ କେନ୍ଦ୍ର । ଆଗାମୀ ୪ ଦିନ ଆକାଶରୁ ହେବ ଅଗ୍ନିବର୍ଷା ।

ପାଣିପାଗ କେନ୍ଦ୍ର ଜାରି କରିଥିବା ମ୍ୟାପ ମୁତାବକ ୨୬ ତାରିଖ ଅର୍ଥାତ ଆସନ୍ତାକାଲି ୯ଟି ଜିଲ୍ଲାରେ ଭୀଷଣ ଗ୍ରୀଷ୍ମ ପ୍ରବାହ ହୋଇପାରେ । ଏହିସବୁ ଜିଲ୍ଲାରେ ସିଭିୟର ହିଟ୍‌ୱେଭ୍ ନେଇ ଚେତାବନୀ ଦେଇଛି ଆଂଚଳିକ ପାଣିପାଗ କେନ୍ଦ୍ର ।



ବାଲେଶ୍ୱର, ମୟୂରଭଂଜ, ଢେଙ୍କାନାଳ, ଝାରସୁଗୁଡା, ଗଂଜାମ, ଗଜପତି, କଳାହାଣ୍ଡି, ବଲାଙ୍ଗୀର ଓ ନୂଆପଡାକୁ ରେଡ୍ ୱାର୍ଣ୍ଣିଂ ଜାରି ହୋଇଛି ।

ସେହିପରି ୨୭ ତାରିଖ ଅର୍ଥାତ ଶନିବାର ପାଇଁ ୧୫ ଜିଲ୍ଲାରେ ହୋଇପାରେ ଭୀଷଣ ଗ୍ରୀଷ୍ମ ପ୍ରବାହ । ବାଲେଶ୍ୱର, ଭଦ୍ରକ, ମୟୁରଭଂଜ, କେନ୍ଦୁଝର, ଢେଙ୍କାନାଳ, ଖୋର୍ଦ୍ଧା, ଗଂଜାମ, ଗଜପତି, ସୁନ୍ଦରଗଡ, ସୋନପୁର, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି ଓ ନୂଆପଡାକୁ ରେଡ୍ ୱାର୍ଣ୍ଣିଂ ଜାରି କରି ସତର୍କ କରିଦେଇଛି ଆଂଚଳିକ ପାଣିପାଗ କେନ୍ଦ୍ର । ତାପମାତ୍ରା ୪୫ରୁ ୪୬ ଡିଗ୍ରୀ ପହଁଚିପାରେ ବୋଲି ପୂର୍ବାନୁମାନ କରାଯାଇଛି ।

୨୮ ଓ ୨୯ ତାରିଖରେ ମଧ୍ୟ ଜାରି ରହିବ ଗ୍ରୀଷ୍ମ ପ୍ରବାହ । ସାରା ଓଡ଼ିଶାକୁ ଅରେଞ୍ଜ୍ ୱାର୍ଣ୍ଣିଂ ଜାରି କରାଯାଇଛି । ଆସନ୍ତା ୪ ଦିନ ପର୍ଯ୍ୟନ୍ତ ପିକ୍ ଆୱାରରେ ଅତି ଜରୁରୀ ନଥିଲେ ଘରୁ ନ ବାହାରିବାକୁ ଚେତାବନୀ ଦିଆଯାଇଛି । ପଦାକୁ ବାହାରିଲେ ମୁଣ୍ଡରେ ଓଦା ଗାମୁଛା, ଛତା ବ୍ୟବହାର ସହ ପ୍ରଚୁର ପାଣି ପିଇବାକୁ ପରାମର୍ଶ ଦିଆଯାଇଛି । ଖରାରେ କଠିନ ପରିଶ୍ରମ କାର୍ଯ୍ୟ କରିବାକୁ ବାରଣ କରାଯାଇଛି ।

ଅପରପକ୍ଷରେ ଗୁରୁବାର ଝାରସୁଗୁଡ଼ା ସବୁଠୁ ଉତପ୍ତ ସହର ରହିଛି । ଏଠାରେ ୪୩.୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି । ଏଥିସହ ୩୩ ସହର ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରେକର୍ଡ କରାଯାଇଛି ।

- ଲକ୍ଷ୍ମୀପୁର ପ୍ରଚାର ମଇଦାନରେ ପାଣ୍ଡିଆନ

## ଆପଣ ଯାହା ମାଗିଥିଲେ ତାହା ମିଳିଛି

**କୋରାପୁଟ, ୨୫।୪:** ଲକ୍ଷ୍ମୀପୁର ନିର୍ବାଚନ ମଇଦାନରେ ଆଜି ପ୍ରଚାର କରିଛନ୍ତି କାର୍ତ୍ତିକ ପାଣ୍ଡିଆନ । ପ୍ରଚାର ଆରମ୍ଭରୁ ବିରୋଧୀଙ୍କ ଉପରେ ସେ ଜୋରଦାର ବର୍ଷିଛନ୍ତି। ନିର୍ବାଚନ ବେଳେ କେମିତି ବିରୋଧୀଙ୍କ ଭୋଟରଙ୍କ କଥା ମନେପଡେ ବୋଲି ଉଲ୍ଲେଖ କରିଛନ୍ତି ପାଣ୍ଡିଆନ । ସେ କହିଛନ୍ତି "କିଛି ଲୋକଙ୍କ ନିଦ ଭାଙ୍ଗିଯାଇଛି । ନିର୍ବାଚନ ବେଳେ ବଡ ବଡ ମିଠା କଥା କହିବେ । ନିର୍ବାଚନ ପରେ ସେମାନେ ଖୋଜିଲେ ବି ମିଳିବେନି । ଆପଣ ଯାହା ମାଗିଥିଲେ ତାହା ମିଳିଛି । ଏଇଟା ନବୀନ ପଟ୍ଟନାୟକଙ୍କ ଗ୍ୟାରେଣ୍ଟି । ଶଙ୍ଖ ଚିହ୍ନର ଗ୍ୟାରେଣ୍ଟି । ଶଙ୍ଖର ଚିହ୍ନ ହେଉଛି ବିକାଶ । ଆପଣଙ୍କ ସମସ୍ୟାକୁ ଜଣେ ଲୋକ ଦୂର କରିପାରିବେ । ସିଏ ହେଉଛନ୍ତି ନବୀନ ପଟ୍ଟନାୟକ" ।



**ଏହା ନବୀନ ପଟ୍ଟନାୟକଙ୍କ ଗ୍ୟାରେଣ୍ଟି**

ସେହିପରି BSKY କାର୍ଡକୁ ବି ଫୋକସ୍ କରିଛନ୍ତି କାର୍ତ୍ତିକ ପାଣ୍ଡିଆନ । ଗରିବଙ୍କ ସମ୍ମାନ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ବିଏସକେୱାଇ କାର୍ଡ୍ ଦେଇଛନ୍ତି । ସେମାନେ ସ୍ୱାସ୍ଥ୍ୟ ସେବା ପାଉଛନ୍ତି । ହେଲେ ବିରୋଧୀ ବିଏସକେୱାଇ କାର୍ଡକୁ ବନ୍ଦ ପାଇଁ ଷଡ଼ଯନ୍ତ୍ର କରୁଛନ୍ତି । ଷଡ଼ଯନ୍ତ୍ର କାରୀଙ୍କଠାରୁ ସତର୍କ ରୁହନ୍ତୁ । ନରହିଲେ ସେମାନେ ବିଏସକେୱାଇ କାର୍ଡ ବନ୍ଦ କରିଦେବେ ବୋଲି ଲୋକଙ୍କୁ ସତର୍କ କରାଇ ଦେଇଛନ୍ତି ପାଣ୍ଡିଆନ ।

# ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ଭୋଟ ପାଇଁ ନାମାଙ୍କନ ଶେଷ

**ଭୁବନେଶ୍ୱର, ୨୫।୪:** କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ବ୍ରହ୍ମପୁର ଲୋକସଭା ଓ ଏଥି ଅନ୍ତର୍ଗତ ୨୮ଟି ବିଧାନସଭା ପାଇଁ ଆଜି ସରିଛି ନାମାଙ୍କନ । ଆଜି ଶେଷଦିନରେ ଅନେକ ହେଭିୱେଟ ଓ ବିଭିନ୍ନ ଦଳ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି । ବ୍ରହ୍ମପୁର ଲୋକସଭା ଆସନରୁ ନାମାଙ୍କନ ଭରିଛନ୍ତି ବିଜେପି ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ । ସେହିଭଳି ନବରଙ୍ଗପୁର ଲୋକସଭ ଆସନରୁ ବିଜେପି ପ୍ରାର୍ଥୀ ବଳଭଦ୍ର ମାଝି ଓ ଜୟପୁର ବିଧାନସଭା ଆସନରୁ ନାମାଙ୍କନ ଭରିଛନ୍ତି ଗୌତମ ସାମନ୍ତରାୟ । ସମସ୍ତ ପ୍ରାର୍ଥୀ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ଆସି ଶକ୍ତି ପ୍ରଦର୍ଶନ କରିଥିଲେ । ମେ ୧୩ ତାରିଖରେ ଏହି ଆସନଗୁଡିକରେ ଭୋଟଗ୍ରହଣ ହେବ ।

ନିର୍ବାଚନକୁ ଆଖି ଆଗରେ ରଖି ପ୍ରାର୍ଥୀ କରୁଛନ୍ତି ନିଆରା ପ୍ରଚାର ।

**ଶେଷ ଦିନରେ ପ୍ରାର୍ଥୀପତ୍ର ଦାଖଲ କଲେ ପ୍ରଦୀପ, ବଳଭଦ୍ର ଓ ଗୌତମ**

ଏଭଳି କରି ଚର୍ଚ୍ଚାକୁ ଆସିଛନ୍ତି ଉଦଳାରେ ବିଜେପିରୁ ଲଢୁଥିବା ଭାସ୍କର ମଢେଇ । ଭାସ୍କର ମଢେଇ ରାତି ୧୦ଟାରେ ପୋଡାଡିହା ଅଂଚଳରେ ପଂହଚି ସେମାନଙ୍କ



ସମସ୍ୟା ବୁଝିଥିଲେ । ପରେ ଏ ନେଇ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା ପାଇଁ ପ୍ରତିଶ୍ରୁତି ବି ଦେଇଥିଲେ ।

ଯାଜପୁର ଜିଲ୍ଲା ଧର୍ମଶାଳା ନିର୍ବାଚନମଣ୍ଡଳୀର ଥାନୁଆଳ ଠାରେ ଧର୍ମଶାଳା ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଣବ ବଳବନ୍ତରାୟ ଓ ସାଂସଦ ପ୍ରାର୍ଥୀ ଶର୍ମିଷ୍ଠା ସେଠୀ ବିଶାଳ ସମାବେଶ କରି ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି ।

କଟକ ମହାଙ୍ଗାରେ ରୋଡ ସୋ କରି ବିଜେପିର ଶକ୍ତି ପ୍ରଦର୍ଶନ । ବାଇକ୍ ରାଲିରେ ୧୧ଟି ପଂଚାୟତ ବୁଲିଲେ ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଓ ବିଧାୟକ ପ୍ରାର୍ଥୀ ସୁମନ୍ତ ଘଡ଼ା । ସମର୍ଥକଙ୍କ ସହ ରାଲି ବେଳେ ବିଭିନ୍ନ ଛକରେ ମହିଳା ଓ ବରିଷ୍ଠ ବ୍ୟକ୍ତିମାନେ ଉଭୟ ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ।

ଜାତିର ପିତାଙ୍କ ଆଶୀର୍ବାଦ ନେଇ ପ୍ରଚାର ଆରମ୍ଭ କରିଛନ୍ତି ବାଲେଶ୍ୱର ଲୋକସଭା ଆସନର କଂଗ୍ରେସ ପ୍ରାର୍ଥୀ ଶ୍ରୀକାନ୍ତ ଜେନା । ବସ୍ତା ଗାନ୍ଧିଛକରେ ଥିବା ମହାତ୍ମାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବାଳିଆପାଳରେ କର୍ମୀ ସମାବେଶରେ ସାମିଲ ହୋଇଥିଲେ ।

## ଗୁଳି ବିନିମୟରେ ୨ ମାଓବାଦୀ ମୃତ

**ବୌଦ୍ଧ, ୨୫।୪:** ବୌଦ୍ଧ ଜିଲା ପାଢେଲ ଡ୍ୟାମ ନିକଟ ଜଙ୍ଗଲରେ ପ୍ରତ୍ୟୁଷରୁ ଏସଓଜି ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି । ଘଟଣାରେ ୨ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ନେଇ ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ପୋଲିସ ଓ ସ୍ୱତନ୍ତ୍ର ବାହିନୀର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇଛନ୍ତି । ଦୁଇ ମୃତ ମାଓବାଦୀଙ୍କ ଶବକୁ ପୋଲିସ ଏସଓଜି ଯବାନ ଜବତ କରିଛନ୍ତି ।

ବୌଦ୍ଧ ଜିଲାରେ ଏସଓଜି ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ । ଏସଓଜି ଯବାନଙ୍କ ଗୁଳିରେ ଟଳିଲେ ୨ ଜଣ ମାଓବାଦୀ । ବୌଦ୍ଧ ଜିଲ୍ଲା କଂଟାମାଳ ଥାନା ଅନ୍ତର୍ଗତ ପାଢେଲ ଡ୍ୟାମ ନିକଟ ଜଙ୍ଗଲରେ ଆଜି ଏସଓଜି ଯବାନ ଏବଂ ମାଓବାଦୀମାନେ ମୁହାଁମୁହିଁ ହୋଇଛନ୍ତି । ଏବେ ଯାଏଁ ଦୁଇ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ଖବର ମିଳିଥିବା ବେଳେ ଏବେ ବି ଏସଓଜି ଯବାନଙ୍କ ପକ୍ଷରୁ କୁମ୍ବିଂ ଅପରେସନ ଜାରି ରହିଛି ।

ସୂଚନା ଅନୁଯାୟୀ, କଂଟାମାଳ ଥାନା ଅନ୍ତର୍ଗତ ପାଢେଲ ଡ୍ୟାମ ନିକଟ ଜଙ୍ଗଲରେ ଏସଓଜି ଯବାନ କୁମ୍ବିଂ ଅପରେସନ କରୁଥିବା ବେଳେ ହଠାତ୍ ୪୦ରୁ ୫୦ ଜଣ ମାଓବାଦୀଙ୍କ ସହ ଏସଓଜି ଯବାନ ମୁହାଁମୁହିଁ ହୋଇଥିଲେ । ମାଓବାଦୀମାନେ ଯବାନଙ୍କ ଉପରେ ଗୁଳିମାଡ କରିଥିଲେ । ଏହାର ପାଲଟା ଜବାବ ଦେଇଥିଲେ ଏସଓଜି ଯବାନ ।

**ଏସ୍‌ଓଜି ଯବାନଙ୍କୁ ବଡ଼ ସଫଳତା**

# ଜାମିନ ପାଇବା ପାଇଁ ମିଛ ସାକ୍ଷୀ ସହ ଜାଲି ପ୍ରମାଣପତ୍ର ଦେବା ମହଙ୍ଗା ପଡ଼ିଲା; ୩ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର: କୋର୍ଟରୁ ଜାମିନ ପାଇବା ପାଇଁ ମିଛ ସାକ୍ଷୀ ସହ ଜାଲି ପ୍ରମାଣପତ୍ର ଦେବା ମହଙ୍ଗା ପଡ଼ିଛି । ଅଭିଯୁକ୍ତଙ୍କ ଜାମିନ ଖାରଜ ହେବା ସହ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ତିନିଜଣ ଅଭିଯୁକ୍ତ ଗିରଫ ହୋଇନ୍ତି । ସୂଚନା ଅନୁସାରେ ନନ୍ଦନକାନନ ଥାନାର ଏକ ୬ କୋଟି ଟଙ୍କାର ପ୍ରପର୍ଟି ଅଫେନ୍ସ ମାମଲାରେ ସମୀର ପଟ୍ଟନାୟକ ନାମକ ଜଣେ ବ୍ୟକ୍ତି ଗିରଫ ହୋଇଥିଲେ । ତାଙ୍କ ଜାମିନ ପାଇଁ ଭୁବନେଶ୍ୱର ଜେଏମ୍ଏଫ୍ସ କୋର୍ଟ ୩ କୋଟି ଟଙ୍କାର ପ୍ରପର୍ଟି ସିଓରିଟି ବେଲ୍ ବଣ୍ଡ ଦେବାକୁ କହିଥିଲେ । ହେଲେ ପ୍ରକୃତ ୩ କୋଟି ଟଙ୍କାର ବେଲ୍ ବଣ୍ଡ ଦେବା ବଦଳରେ ଜାଲିଆତି କରି ପାଖାପାଖି ୫୭ ଲକ୍ଷ ଟଙ୍କାର ବେଲ ବଣ୍ଡକୁ କୋର୍ଟରେ ୩ କୋଟି ଟଙ୍କାର ଦର୍ଶାଇଥିଲେ ଦୁର୍ବୃତ୍ତ । କେବଳ ଏତିକି ନୁହେଁ । ଜଣେ ମୃତ ବ୍ୟକ୍ତିଙ୍କ ନାଁରେ ଥିବା ସମ୍ପତ୍ତିକୁ ଆଉ ଜଣେ ଜୀବିତ ବ୍ୟକ୍ତିଙ୍କର ସମ୍ପତ୍ତି ଦେଖାଇ କୋର୍ଟରେ ହାଜର କରାଇଥିଲେ । ସନ୍ଦେହ ହେବାରୁ କୋର୍ଟ ବଡ଼ଗଡ଼ ଥାନା ପୁଲିସକୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ମାମଲାର ତଦନ୍ତ କରି ତିନି ଜଣ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଏସିପି ଶୁଭ୍ରାଂଶୁ ଶେଖର ନାୟକ ଗଣମାଧ୍ୟମକୁ ଜଣାଇଛନ୍ତି ।

# ଶିମିଳିପାଳରେ ବାଘ ସୁରକ୍ଷିତ

ଶିମିଳିପାଳ : ଶିମିଳିପାଳରେ ବାଘ ସୁରକ୍ଷିତ । କିଛି ଦିନ ଧରି ଶିମିଳିପାଳରେ ନିଆଁ ଲାଗିଛି । ଜଙ୍ଗଲ ହୁତୁହୁତୁ ହୋଇ ଜଳୁଛି ହେଲେ କୋର୍ ଏରିଆରେ ବାଘ ସୁରକ୍ଷିତ ରହିଛନ୍ତି । ଆଜି ଏନେଇ ସୋସିଆଲ୍ ମିଡିଆରେ ସୂଚନା ଦେଇଛନ୍ତି ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ । ଏଥିସହ ସେ ଏକ ଛୋଟ ବାଘ ଖେଳୁଥିବା ଭିଡିଓ ବି ସେୟାର୍ କରିଛନ୍ତି । ବାଘ ଛୁଆଟି ବେଶ୍ ବେଫିକର୍ ଭାବେ ଜଙ୍ଗଲ ଭିତରେ ଖେଳୁଛି । ଶିମିଳିପାଳ ଜଙ୍ଗଲରେ ଗତ କିଛି ଦିନ ଧରି ନିଆଁ ଲାଗିଛି । ବଫର୍ ଏରିଆ ଓ ଗାଁ ପାଖରେ ଜଙ୍ଗଲ ଜଳିଛି । ଏହାକୁ ନିୟନ୍ତ୍ରଣ କରିବାକୁ ବନ ବିଭାଗ ଓ ଫଡ଼ଜଇର୍ ଟିମ୍ ଲାଗିଥିବା ସେ ସୂଚନା ଦେଇଛନ୍ତି ।

# ୫-ଟି ଅଧ୍ୟକ୍ଷଙ୍କ ଗୁଣପୁର, ବିଷମକଟକ ଗସ୍ତ ଓ ନିର୍ବାଚନୀ ସଭା ଅନୁଷ୍ଠିତ



ରାୟଗଡ଼ା (ମାନିସ) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଥା କମ କୁହନ୍ତି କାମ ଅଧିକ କରନ୍ତି । ଯାହା ପ୍ରତିଶୃତି ଦିଅନ୍ତି ତାହା କାର୍ଯ୍ୟକାରୀ କରନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ ତାଙ୍କୁ ଲଗାତାର ସଫଳତା ଆଣିଦେଇଛି । ବିଜୁ ଜନତା ଦଳର ସଭା ଗୁଡ଼ିକରେ ବିପୁଳ ଜନ ସମାଗମ ବିରୋଧୀଙ୍କ ଆଖିରୁ ନିଦ ହଜାଇ ଦେଇଛି । ଆଜି ପ୍ରଥମ କରି ରାୟଗଡ଼ା ଜିଲ୍ଲାର ବିଷମକଟକ ଓ ଗୁଣପର ଠାରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗ ଦେଇ ଏହିଭଳି କହିଛନ୍ତି ୫ ଟି ଅଧ୍ୟକ୍ଷ କାର୍ତ୍ତିକେୟାନ ପାଣ୍ଡିଆନ । ଶ୍ରୀ ପାଣ୍ଡିଆନ ବିରୋଧୀ ଦଳକୁ ଟାରଗେଟ କରି କହିଥିଲେଯେ ବିଜେପି ଓ କଂଗ୍ରେସ ଦଳ ଓଡ଼ିଶା ବିକାଶ ପାଇଁ କିଛି କରିନଥିବା ବେଳେ ନିର୍ବାଚନୀ ସମୟରେ ଭୋଟ ଭିକ୍ଷା କରିବାକୁ ଆସି କୁମ୍ଭିର କାନ୍ଦଣା କାନ୍ଦୁଛନ୍ତି । ଏପରି କି ରୋଗୀ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ବନ୍ଦ କରିଦେବା ପାଇଁ ଷ୍ ?ଡଯନ୍ତ କରୁଥିବା ଶ୍ରୀ ପାଣ୍ଡିଆନ ଅଭିଯୋଗ କରିଥିଲେ । ଗତ ଜୁନ ମାସରେ ବିଷମକଟକ ଓ ଗୁଣପୁର ଗସ୍ତ ସମୟରେ ଗ୍ରହଣ କରିଥିବା ଦରଖାସ୍ତ ଉପରେ ନିଆଯାଇଥିବା ପଦକ୍ଷେପ ଉପରେ ସଭାରେ ତଥ୍ୟ ଉପସ୍ଥାପନ କରିଥିଲେ । ବିଷମକଟକ ନିର୍ବାଚନ ମଣ୍ଡଳୀକୁ ୧୬୯ କୋଟି ଟଙ୍କା ଅନୁଦାନ, ମୁନିଗୁଡ଼ାକୁ ଏନଏସି ମାନ୍ୟତା ଓ ଜେଏମଏଫସି କୋର୍ଟ ସ୍ଥାପନ, ବିଷମକଟକକୁ ଏନଏସି ମାନ୍ୟତା, ଜାତି ଓ ଜନଜାତିଙ୍କ ପାଇଁ ସ୍ୱତନ୍ତ୍ର ହୋଷ୍ଟେଲ ସୁବିଧା, ଚାଟିକଣା ମନ୍ଦିରର ଉନ୍ନତିକରଣ ପାଇଁ ୪ କୋଟି ଟଙ୍କା ପ୍ରଦାନ, କଲ୍ୟାଣସିଂହପୁରକୁ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ମାନ୍ୟତା, କୋଲନରାରେ ଜଳ ସେଚନ ସୁବିଧା ପାଇଁ ଅନୁଦାନ ଦିଆଯାଇଛି । ଗୁଣପୁର ନିର୍ବାଚନ ମଣ୍ଡଳୀ ନିମନ୍ତେ ୧୩୫୦ କୋଟି ଟଙ୍କାର ଅନୁଦାନ ଜଳସେଚନ, ବୃହତ୍ତ ସେତୁ, ସୌରା ସମ୍ପ୍ରଦାୟର ମାତାଗାଁ ମନ୍ଦିର ନିମନ୍ତେ ୫ କୋଟି ଓ ଗୁଣପୁର ସେଫ ।ଳି ପାହାଡ ରାମେଶ୍ୱର ମନ୍ଦିର ଉନ୍ନତି କରଣ ପାଇଁ ୫ କୋଟି ଟଙ୍କା ମଞ୍ଜୁର କରିଥିବା କହିଥିଲେ । ଏଥର ଯୋଡି ଶଂଖକୁ ଗୋଟିଏ ବିଧାୟକ ପ୍ରାର୍ଥୀ ଓ ଅନ୍ୟଟି ସାଂସଦ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଶ୍ରୀ ପାଣ୍ଡିଆନ ନିବେଦନ କରିଥିଲେ । ଏହି ଅବସରରେ କୋରାପୁଟ ବିଜେଡ଼ି ସାଂସଦ ପ୍ରାର୍ଥୀ କୌଶଲ୍ୟା ହିକ୍କା, ବିଷମକଟକ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଏବଂ ଗୁଣପୁର ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ରଘୁନାଥ ଗମାଂଗ ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କୁ କୃତଜ୍ଞତା ଜଣାଇ ନିଜ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ । ଉକ୍ତ ସଭାରେ ରାଜ୍ୟ ବିଜେଡ଼ିର ସାଧାରଣ ସମ୍ପାଦକ ସୁଧୀର କୁମାର ଦାଶ, ଜିଲ୍ଲା ବିଜେଡ଼ି ସଭାପତି ଏନ ଭାସ୍କର ରାଓ, ରାଜ୍ୟ ଛାତ୍ର ବିଜେଡ଼ି ଉପ ସଭାପତି ବିଷ୍ଣୁ ପ୍ରସାଦ ପଣ୍ଡା, ଦେବାଶିଷ ଖାଡ଼ଂଗା, ବ୍ଲକ ସଭାପତି ଶ୍ରୀନିବାସ ଶତପଥୀ, ନଗର ବିଜେଡ଼ି ସଭାପତି ରାମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# କୋରାପୁଟ କଂଗ୍ରେସ କଳି ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲା !



କୋରାପୁଟ : କୋରାପୁଟ କଂଗ୍ରେସରେ କନ୍ଦଳ ! ଫାଳ ଫାଳ ହେଇଯାଇଛି କି କୋରାପୁଟ୍ କଂଗ୍ରେସ ଦଳ ଯାହାକୁ ଟିକେଟ ଦେଉଛି, ତାଙ୍କୁ ବିରୋଧ କରି ଏକାଧିକ ପ୍ରାର୍ଥୀ ସ୍ୱାଧୀନ ଭାବେ ନାମାଙ୍କନ ଦାଖଲ କରୁଛନ୍ତି । କାହିଁକି ଶୀର୍ଷ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରିପାରୁନାହାଁନ୍ତି ନେତା ? ସମନ୍ୱୟର ଅଭାବ ନା ରହୁଛି ପାତର ଅନ୍ତର ନୀତି ? କୋରାପୁଟ ଲୋକସଭା ସମେତ ଗୁଣପୁର, ବିଷମ କଟକ ଓ ଜୟପୁରରେ ଦଳୀୟ ଅସନ୍ତୁଷ୍ଟମାନେ ନାମାଙ୍କନ ଦାଖଲ କରିଛନ୍ତି । କଂଗ୍ରେସର ଏକମାତ୍ର ସାଂସଦ ସପ୍ତଗିରି ଉଲାକା କୋରାପୁଟରୁ ନିର୍ବାଚିତ ହୋଇଛନ୍ତି । ଆଉ ଏଥର ମଧ୍ୟ ସୁପ୍ରିମୋ ସପ୍ତଗିରିଙ୍କ ଉପରେ ଆସ୍ଥା ପ୍ରକଟ କରି ଟିକେଟ୍ ଦେଇଛନ୍ତି । କିନ୍ତୁ ସୁପ୍ରିମୋଙ୍କ ନିଷ୍ପତ୍ତିକୁ ଚାଲେଞ୍ଜ କରି କଂଗ୍ରେସର ଅସନ୍ତୁଷ୍ଟ ଯୁବନେତା ତଥା ଜିଲ୍ଲା କଂଗ୍ରେସ କମିଟି ସଭାପତି ବିଜୟ ଗମାଙ୍ଗଙ୍କ ପୁଅ ଅବିନାଶ ଗମାଙ୍ଗ ସ୍ୱାଧୀନ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ନାମାଙ୍କନ ପତ୍ର ଦାଖଲ ବେଳେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ତଥା କଂଗ୍ରେସ ନେତ୍ରୀ କେତକୀ ଗମାଙ୍ଗ ଉପସ୍ଥିତ ଥିଲେ । ସେହିପରି ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ସତ୍ୟଜିତ ଗମାଙ୍ଗଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରିଛନ୍ତି ଗୁଡାରୀ ବ୍ଲକ୍ କଂଗ୍ରେସ ସଭାପତି ଭାସ୍କର ଜଗେରାଙ୍ଗା ସେ ସ୍ୱାଧୀନ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ବିଷମକଟକରେ କଂଗ୍ରେସ ପ୍ରାର୍ଥୀ ନୀଳମାଧବ ହିକ୍ ?କାଙ୍କୁ ଚାଲେଞ୍ଜ ଦେଇ ସ୍ୱାଧୀନ ଭାବେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ସପ୍ତଗିରି ଉଲାକାଙ୍କ ଦାଦା ଡମ୍ବରୁଧର ଉଲାକାଙ୍କ ପୁଅ ନୀଳମାଧବ ଉଲାକା । ଜୟପୁର ବିଧାୟକ ତାରା ବାହିନୀପତିଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ସ୍ୱାଧୀନ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ରଘୁନାଥ ପଟ୍ଟନାୟକଙ୍କ ନାତି ପ୍ରୀତିଶ ପାପୁଲ ପଟ୍ଟନାୟକ । ଯାହାକୁ ନେଇ କୋରାପୁଟ ରାଜନୀତିରେ ହଇଚଇ ସୃଷ୍ଟି ହୋଇଛି । ସେପଟେ ଘନଉଥିବା କୋରାପୁଟ କଂଗ୍ରେସ ରାଜନୀତିକୁ ନେଇ ଚିନ୍ତାରେ ଦଳପତି । କଂଗ୍ରେସର ଗଡ଼ କୁହାଯାଉଥିବା ଦକ୍ଷିଣ ଓଡ଼ିଶାରେ ଯେ କଂଗ୍ରେସ ନିଜ ସ୍ଥିତି ଧୀରେ ଧୀରେ ହରାଉଛି, ସେଥିରେ କୌଣସି ସନ୍ଦେହ ନାହିଁ । ଆଉ ରାଜ୍ୟରେ ଯେତେବେଳ କଂଗ୍ରେସ ଅବସ୍ଥା ଅତି ଦୁର୍ବଳ ସେ ସମୟରେ କୋରାପୁଟ କଂଗ୍ରେସ କଳି ଦଳ ଆହୁରି ଅଧିକ କ୍ଷତି ପହଞ୍ଚାଇପାରେ ବୋଲି ରାଜନୈତିକ ସମୀକ୍ଷକଙ୍କ ମତ ଦେଇଛନ୍ତି ।




୧ ନମ୍ବର ୱାର୍ଡରେ ବିଜେଡିର ନିର୍ବାଚନୀ ସଭା (ଫଟୋ : ମାତୃଭାଷା)

# ବାଲେଶ୍ୱରରେ ବିଜୁ ଶ୍ରମିକ ସାମୁଖ୍ୟର ବିଶାଳ ଶ୍ରମିକ ସମାବେଶ

ବାଲେଶ୍ୱର (ମାନିସ) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ଏକ କୋଟି ସତୁରି ଲକ୍ଷ ଶ୍ରମିକଙ୍କ ସୁଖ ସୁବିଧା ପାଇଁ ଅନେକ ଯୋଜନା କରିଛନ୍ତି । ଶ୍ରମିକ ମାନଙ୍କ ମଜୁରୀ ହାରରେ ଏକକାଳୀନ ଅତିରିକ୍ତ ଶହେ ଟଙ୍କା ବୃଦ୍ଧି କରି ନବୀନ ପଟ୍ଟନାୟକ ସରକାର ଭାରତରେ ଇତିହାସ ସୃଷ୍ଟି କରିଛନ୍ତି । ଆଜି ସନ୍ଧ୍ୟାରେ ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପରେ ବିଜୁ ଶ୍ରମିକ ସାମୁଖ୍ୟର ବିଶାଳ ଶ୍ରମିକ ସମାବେଶକୁ ଉଦବୋଧନ ଦେଇ କଟକ ମ୍ୟୁନିସିପାଲ କର୍ପୋରେସନ ମେୟର ତଥା ରାଜ୍ୟ ବିଜୁ ଶ୍ରମିକ ସାମୁଖ୍ୟର ମହାଶଚିବ ସୁବାଷ ସିଂହ ଏ କଥା ଉଲ୍ଲେଖ କରିଛନ୍ତି । କେନ୍ଦୁପତ୍ର ତୋଳାଳୀ, ଶ୍ରମଜୀବୀ, ସ୍ୱାସ୍ଥ୍ୟ ସେବା କ୍ଷେତ୍ର ରେ ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନା, ବିଦେଶୀ ପୁଞ୍ଜି ବିନିଯୋଗରେ ଦଶ ଲକ୍ଷ ହଜାର କୋଟି ଟଙ୍କା ବିନିଯୋଗ କରିପାରିଛନ୍ତି ନବୀନ ପଟ୍ଟନାୟକ । ଓଡିଶାରେ ଦୀର୍ଘ ବର୍ଷ ଧରି କଟକ ବୁର୍ଲା, ଓ ବ୍ରହ୍ମପୁର ରେ ସରକାରୀ ମେଡିକାଲ କଲେଜ ଥିଲା ବେଳେ ନବୀନ ପଟ୍ଟନାୟକ ରାଜ୍ୟରେ ଆଉ ସାତୋଟି ମେଡିକାଲ କଲେଜ ପ୍ରତିଷ୍ଠା କରିଛନ୍ତି । ଏବେ ଭଦ୍ରକ ରେ ଆଉ ଏକ ସରକାରୀ ମେଡିକାଲ କଲେଜ ଖୋଲିବାକୁ ଯୋଜନା ଚାଲିଛି । ଛାତ୍ର, ମହିଳା ଓ ସବୁ ବର୍ଗ ଙ୍କ ପାଇଁ ନବୀନ ବାବୁ ଯୋଜନା କରିଛନ୍ତି ।ବିଧାୟକ ପ୍ରାର୍ଥୀ ସ୍ୱରୂପ ଦାସ ଓ ବାଲେଶ୍ୱର ସଂସଦୀୟ କ୍ଷେତ୍ର ପ୍ରାର୍ଥୀ ଡ଼. ଲେଖାଶ୍ରୀ ସାମନ୍ତ ସିଂହାର ଙ୍କୁ ଦୁଇଟି ଶଙ୍ଖ ଚ୍ହିନ୍ନ ରେ ଭୋଟ ଦେଇ ବିପୁଳ ଭୋଟ ବ୍ୟବଧାନରେ ଜିତାଇବା ଲାଗି ଶ୍ରୀ ସିଂ ନିବେଦନ କରିଛନ୍ତି । ସଦର ବିଧାୟକ ତଥା ବିଜେଡି ପ୍ରାର୍ଥୀ ସ୍ୱରୂପ ଦାସ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ଲାଗି ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ପଦାସୀନ କରିବା ପାଇଁ ବାଲେଶ୍ୱର ଜିଲ୍ଲା ର ସମସ୍ତ ବିଜେଡି ପ୍ରାର୍ଥୀ ମାନଙ୍କୁ ଶଙ୍ଖ ଚ୍ହିନ୍ନ ରେ ଅଗାମୀ ଜୁନ ପହିଲାରେ ଭୋଟ ଦେବାକୁ ନିବେଦନ କରିଥିଲେ ।

# ଶେଷ ଦିନରେ ରାୟଗଡା ଜିଲ୍ଲାର ୩ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୯ ଜଣଙ୍କ ନାମାଙ୍କନ




ରାୟଗଡ଼ା (ମାନିସ) : ଶେଷ ଦିନରେ ଓଡ଼ିଶାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ପ୍ରାର୍ଥୀ ପତ୍ର ଦାଖଲ କରିବା ପାଇଁ ଶେଷ ଦିନ ଥିଲା । ରାୟଗଡା ଜିଲ୍ଲାର ତିନୋଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆଜି ଶେଷ ଦିନରେ ୯ ଜଣ ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ । ଉଲେଖନୀୟ ବିଷୟ ହେଉଛି ଆଜି ବିଶେଷ କରି କଂଗ୍ରେସ ଓ ବିଜେପି ଦଳର ବିଦ୍ରୋହୀ ପ୍ରାର୍ଥୀ ମାନେ ନାମାଙ୍କନ ପତ୍ର ଦାଖଲ କରି ଅସଲି ପ୍ରାର୍ଥୀ ମାନଙ୍କ ନିଦ ହଜାଇ ଦେଇଛନ୍ତି । ରାୟଗଡା ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ବରିଷ୍ଠ ବିଜେପି ନେତା ଶିବ ଶଙ୍କର ଉଲ୍ଲାକା ଗୋଟିଏ ପ୍ରାର୍ଥୀ ପତ୍ର ବିଜେପି ପାଇଁ ଆଉ ଗୋଟିଏ ସ୍ୱାଧିନ ଭାବେ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି । ସେହିପରି ଭଗବାନ ମାଝି, ସିପିଆଏମଏଲର କୃଷ୍ଣ ପାଳକା, ରାଙ୍ଗାରାଓ କଣ୍ଡାଗିରି, ଆମ୍ବେଦକର ପାର୍ଟି ଅଫ ଇଣ୍ଡିଆ ବନମାଳୀ ମାଝି ନାମକ ଆଉ ଜଣେ ବ୍ୟକ୍ତି ସ୍ୱାଧିନ ପ୍ରାର୍ଥୀ ରୂପେ ପ୍ରାର୍ଥୀ ପତ୍ର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନିର୍ବାଚନ ଅଧିକାରୀ ସଙ୍ଘମିତ୍ରା କଲ୍ୟାଣି ଦେବୀଙ୍କ ନିକଟରେ ଦାଖଲ କରିଥିଲେ । ସେହିପରି ଆଜି ବିଷମକଟକ ନିର୍ବାଚନ ମଣ୍ଡଳୀରେ ପରମାନନ୍ଦ ହୁଇକା ସ୍ୱାଧିନ ପ୍ରାର୍ଥୀ ରୂପେ ନିର୍ବାଚନ ଅଧିକାରୀ ଭାସ୍କର ରଇତଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ । ଗତକାଲି ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଡ଼ମ୍ବୁରଧର ଉଲ୍ଲକାଙ୍କ ପୁଅ ନୀଳମାଧବ ଉଲ୍ଲାକା ବିଦ୍ରୋହୀ ପ୍ରାର୍ଥୀ ରୂପେ ନାମାଙ୍କନ ପତ୍ର ଦାଖଲ କରିଥିଲେ । ଅନ୍ୟପଟେ ଗୁଣପୁର ନିର୍ବାଚନ ମଣ୍ଡଳୀରେ ଆଜି ୪ ଜଣ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି । ଏଥିରୁ ଦୁଇ ଜଣ କଂଗ୍ରେସ ଦଳର ବିଦ୍ରୋହୀ ପ୍ରାର୍ଥୀ ଭାସ୍କର ଜାଗାରାଙ୍ଗା ଓ ଜିଲ୍ଲା କଂଗ୍ରେସ ଦଳର ସଭାପତି ବିଜୟ କୁମାର ଗାମାଙ୍ଗଙ୍କ ପୁଅ ଅବିନାଶ ଗମାଙ୍ଗ ରହିଛନ୍ତି । ଅନ୍ୟ ଦୁଇ ଜଣ କରୁଣାକର ଶବର ଓ ନାଗଭୂଷଣ ମାଣ୍ଡାଙ୍ଗୀ ପ୍ରମୁଖ ଉପ ଜିଲ୍ଲାପାଳ କିରଣ ଦୀପ କୌର ସାହାତଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ । ଗୁଣପୁର ବିଧାନସଭା ପାଇଁ ମୋଟ ୧୩, ବିଷମକଟକ ନିର୍ବାଚନ ମଣ୍ଡଳୀରେ ୯ ଏବଂ ରାୟଗଡା ନିର୍ବାଚନ ମଣ୍ଡଳୀରର ୧୨ ଜଣ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି । ଆସନ୍ତା ୨୯ ତାରିଖରେ ପ୍ରାର୍ଥୀ ପତ୍ର ପ୍ରତ୍ୟାହାର କରି ନେବା ପରେ କିଏ କିଏ ନିର୍ବାଚନ ମଇଦାନରେ ରହିବେ ଷ୍ପଷ୍ଟ ହୋଇଯିବ ।

# ଜଗା ଦର୍ଶନ ସାରି ଫେରିବାବେଳେ ସିଝି ଯାଉଛି ପାଦ



ପୁରୀ : ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଇଏ ଆଉ ଏକ ସାଇଡ୍-ଇଫେକ୍ଟ । ଜଗା ଦର୍ଶନ ସାରି ପ୍ରସନ୍ନ ମନରେ ନୁହେଁ କିଲିବିଲା ହୋଇ ବାହାରୁଛନ୍ତି ଶ୍ରଦ୍ଧାଳୁ । ସତେ ଯେମିତି ଉତ୍ତର ଦ୍ୱାର ବାହାରେ ଅପେକ୍ଷା କରିଛି ଅଗ୍ନିପଥ । ପେଭର ରୋଡ୍ ନୁହେଁ ତ ଜଳନ୍ତା ରଡ଼ ନିଆଁ । ଯେଉଁଠି ଗୋଟିଏ ପାଦ ଥାପିଲେ ପ୍ରାଣ ଛାଡ଼ିଗଲା ଭଳି ଲାଗୁଛି । ସେଠି ଖାଲି ପାଦରେ ପାରି ହେବାକୁ ପଡୁଛି ୩ଶହରୁ ୪ ଶହ ମିଟର ବାଟ । ତେଣୁ କିଏ ଡେଇଁ ଡେଇଁ ଯାଉଛି ତ ଆଉ କିଏ ଏକା ନିଶ୍ୱାସେ ରିତିମତ୍ ଦୌଡୁଛି । ମୁଣ୍ଡ ଉପରେ ଟାଇଁ ଟାଇଁ ଖରାଠୁ ବଳିଯାଉଛି ତତଲା ରାସ୍ତାର କଷ୍ଟ । ପିଲାଠୁ ବୁଢ଼ା ପୁରୁଷ ମହିଳା । ସମସ୍ତେ ଛଟପଟ ହୋଇ ଦୌଡୁଛନ୍ତି ଟିକେ ଛାଇ ଜାଗାକୁ । କିଏ ବିକଳରେ ପାଦରେ ପାଣି ଢାଳି ପକାଉଛି ତ ଆଉ କିଏ ରାସ୍ତା ଡିଭାଇଡରରେ ଥିବା ମାଟିରେ ଚାଲି ଚାଲି ଆସୁଛି । ଏବେ ରାଜ୍ୟରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ସ୍ଥିତି ଜାରି ରହିଥିବା ବେଳେ ଶ୍ରୀମନ୍ଦିରରୁ ବାହାରୁଥିବା ଶ୍ରଦ୍ଧାଳୁ ଉତ୍ତର ଦ୍ୱାର ଦେଇ ଜଳନ୍ତା ପରିକ୍ରମା ମାର୍ଗ ପଟେ ଖାଲି ପାଦରେ ବାହାରିବାକୁ ବାଧ ହେଉଛନ୍ତି । ଅନେକଙ୍କ ପାଦରେ ଫୋଟକା ପଡ଼ିଯାଉଛି । ଅଗ୍ନିଶମ ଗାଡ଼ିରେ ପାଣି ସିଞ୍ଚନ ହେଉଥିଲେ ବି ତାହା ବିଶେଷ ଫଳପ୍ରଦ ହେଉନଥିବା ଦେଖିବାକୁ ମିଳିଛି । ପୂର୍ବରୁ ଏଠାରେ ଅନେକ ଦୋକାନ ବଜାର ଓ ମଠଗୁଡ଼ିକ ଥିଲା । ତେଣୁ ଶ୍ରୀମନ୍ଦିରରୁ ବାହାରୁ ବାହାରୁ ସହଜରେ ଛାଇ ପାଇ ପାରୁଥିଲେ ଶ୍ରଦ୍ଧାଳୁ । ହେଲେ ଏବେ ପରିକ୍ରମା ପ୍ରକଳ୍ପ ଯୋଗୁଁ ଶ୍ରଦ୍ଧାଳୁଙ୍କୁ ଅସହ୍ୟ ଯନ୍ତ୍ରଣା ସହିବାକୁ ପଡୁଥିବାରୁ ଏହାକୁ ପ୍ରଶାସନର ଦୂରଦୃଷ୍ଟିର ଅଭାବ ବୋଲି ଅଭିଯୋଗ ହୋଇଛି । କେବଳ ଏତିକି ନୁହେଁ ପ୍ରଚଣ୍ଡ ଗରମ ଗୁଳୁଗୁଳିରେ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ଦର୍ଶନ ପାଇଁ ମଧ୍ୟ ଉପଯୁକ୍ତ ବ୍ୟବସ୍ଥା ନଥିବା ଅଭିଯୋଗ ହୋଇଛି । ସେ କାଠ ହ୍ୱିଲ ଚେୟାର ହେଉକି ୪ ଜଣ ୬ସ୍ୱେଚ୍ଛାସେବୀ କାନ୍ଧରେ ବୋହିବାକୁ ଥିବା କାଠ ଚେୟାର ସବୁ ବ୍ୟବସ୍ଥା ଫେଲ୍ ମାରିଛି । ଏଭଳି ସ୍ଥିତିରେ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥାକୁ ନେଇ ଗତକାଲି ଛତିଶା ନିଯୋଗ ବୈଠକରେ ମଧ୍ୟ ଦାବି ଉଠିଥିଲା । ଅନ୍ୟପକ୍ଷରେ ଏହିସବୁ ଅସୁବିଧାକୁ ପୁରୀ ଏସ୍ପି ସ୍ୱୀକାର କରିବା ସହ ଆଗକୁ ବ୍ୟାପକ ବ୍ୟବସ୍ଥା ହେବ ବୋଲି କହିଛନ୍ତି ।

# ଗୋପବନ୍ଧୁ ମାନବ କଲ୍ୟାଣ ସମିତି ଦ୍ୱାରା ହିଙ୍ଗୁଳାଙ୍କ ପୀଠରେ ସ୍ୱଚ୍ଛତା କାର୍ଯ୍ୟକ୍ରମ



ତାଳଚେର (ମାନିସ) : ତାଳଚେରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୋପବନ୍ଧୁ ମାନବ କଲ୍ୟାଣ ସମିତି ତା'ର ସେବା କାର୍ଯ୍ୟର ୨୪ବର୍ଷ ପଦାର୍ପଣ ଅବସରରେ ଅନୁଷ୍ଠାନର ସଦସ୍ୟମାନଙ୍କ ଦ୍ୱାରା ଗୋପାଳପ୍ରସାଦ ସ୍ଥିତ ମା ହିଙ୍ଗୁଳାଙ୍କ ପୀଠ ପରିସରରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଦସ୍ୟମାନେ ପବିତ୍ର ହିଙ୍ଗୁଳା ଯାତ୍ରା ସମୟରେ ମା ହିଙ୍ଗୁଳାଙ୍କ ପୀଠର ଚତୁଃପାଶ୍ୱର୍ରେ ପଡ଼ିଥିବା କୁଢ଼ କୁଢ଼ ଅପରିଷ୍କାର କାଗଜ, ପଲିଥିନ, ଦିପଦାନି, ନଡ଼ିଆ ଖୋଳ, ପରିତ୍ୟକ୍ତ ଗ୍ଲାସ୍ ଆଦି ହଟାଇ ପରିଷ୍କାର ପରିଚ୍ଛନ୍ନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଗୌର ଚନ୍ଦ୍ର ସାହୁ, ସମ୍ପାଦକ ଶୁଭକାନ୍ତ ସ୍ୱାଇଁ, ସରପଂଚ ଅନିଲ କୁମାର ପ୍ରଧାନଙ୍କ ତତ୍ୱାବଧାନରେ ଅନୁଷ୍ଠାନର ସଦସ୍ୟଙ୍କ ଦ୍ୱାରା ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଯାତ୍ରାକୁ ଆସିଥିବା ଅନେକ ଯାତ୍ରୀ ଓ ବୁଦ୍ଧିଜୀବିମାନେ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଉତ୍କଳର ଯୁଗଜନ୍ମା ସେବାର ପ୍ରତୀକ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ନାମରେ ନାମିତ ଏହି ସେବା ଅନୁଷ୍ଠାନଟି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆସୁଅଛି । ଗୋପବନ୍ଧୁ ଦାସ ଥିଲେ କୋଟି କୋଟି ଓଡିଆଙ୍କ ମନର ମଣିଷ, ଦରଦି ବନ୍ଧୁ । ଉତ୍କଳମଣି ଗୋପବନ୍ଧୁ ସେବା ନିଷ୍ଠାର ନିଦର୍ଶନ ଛାଡ଼ି ଯାଇଛନ୍ତି ବୋଲି ସମାଜସେବୀ ଚିନ୍ମୟୀ ଦାସ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ୪୦ଜଣ ସଦସ୍ୟ ସୂଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିଥିବାରୁ ଜରାଶ୍ରମ ସମ୍ପାଦକ ମଧୁସୂଦନ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ସଂସ୍କୃତ ବିଶ୍ୱବିଦ୍ୟାଳୟ ବାମପଟେ ଅଳିଆଗଦା

ପୁରୀ ; ସକାଳୁ ନଉଠିବା ପୂର୍ବରୁ ଅଳିଆ ଗାଡିରୁ ସ୍ୱର ଛୁଟି ଆସୁଛି । ପବିତ୍ର ପୁରୀ ଗର୍ବ ଆମରି । ବଡଦାଣ୍ଡ ସମେତ ସାହି ଗଳି କନ୍ଦିରେ ଅଳିଆ ଯେପରି ପବିତ୍ର ଭୂମିକୁ ସ୍ୱର୍ଶ କରିନପାରିବ ସେଥିପାଇଁ କାର୍ଯ୍ୟକ୍ରମ ଚାଲୁ ରହିଛି । ପୂର୍ବରୁ ଥିବା ସଦାଶିବ ସଂସ୍କୃତ ଟୋଲ ଏବେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରର ନାମରେ ପରିଚିତ । ପାଠଶାଳା ନିର୍ମାଣ ସମୟରେ ପ୍ରବେଶ ପଥ ଶ୍ରୀମନ୍ଦିର ଆଡକୁ ଗେଟ ରହିଥିଲା । ଯାହା ଧାର୍ମିକ ଦୃଷ୍ଟି କୋଣରୁ ମହତ୍ୱ ବହନ କରିଥିଲା । ଏବେ ସେହି ବିଶ୍ୱବିଦ୍ୟାଳୟଟି ଶ୍ରୀମନ୍ଦିର ସିଂହଦ୍ୱାର ପଟକୁ ପଛ କରି ପୂର୍ବ ପଟକୁ ମୁଖ୍ୟ ପ୍ରବେଶ ପଥ ଖୋଲାଯାଇଛି । ସାରା ଭାରତ ବର୍ଷରେ ଶହ ଶହ ବିଦ୍ୟାର୍ଥୀ ଏହି କଲେଜରେ ପଢୁଛନ୍ତି । କଲେଜର ବାମ ପାର୍ଶ୍ୱରେ ପ୍ରତି ଦିନ ଟ୍ରକ ଟ୍ରକ ଅଳିଆ ଗଦା ହେଉଛି । ବିଦ୍ୟାର୍ଥୀ ମାନେ ସେହି ପଟେ ଚାଲିକରି ଯିବା ସମୟରେ ପୋଚା ଗନ୍ଧରେ ଅଣନିଶ୍ୱାସୀ ହୋଇପଡୁଛନ୍ତି । କଲେଜର ତିନିପଟେ ପାଚେରିରେ ରଙ୍ଗ ସହ ବିଭିନ୍ନ ଚିତ୍ର ଅଙ୍କନ କରାଯାଇଛି ।

# ଆଇଏଏସ ପରୀକ୍ଷାରେ ସଫଳତା ପାଇଁ ଏମସିଏଲ ଦ୍ୱାରା ସମ୍ମାନିତ ହେଲେ ଅନିମେଶ ପ୍ରଧାନ




ତାଳଚେର (ମାନିସ) : ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ୨୦୨୩ ରେ ସର୍ବଭାରତୀୟ ର୍ୟାଙ୍କ-୨ ହାସଲ କରିଥିବା ତାଳଚେର ଅଂଚଳର ଅନିମେଶ ପ୍ରଧାନଙ୍କ ପାଇଁ ଏମସିଏଲ ସହିତ ଡ଼ିଏଭି କଳିଙ୍ଗ ଏରିଆ ଗର୍ବିତ । ଏହି ପରିପ୍ରେକ୍ଷୀରେ ଏମସିଏଲର ବୈଷୟିକ ତଥା ପରିଚାଳନା ନିର୍ଦ୍ଦେଶକ, ଜେ.କେ ବୋରା, ତାଳଚେରର ଏମସିଏଲ କଳିଙ୍ଗ ଡିଏଭି ବିଦ୍ୟାଳୟରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସମାରୋହରେ ଯୋଗ ଦେଇ ଶ୍ରୀ ପ୍ରଧାନଙ୍କୁ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହ ସମ୍ମାନିତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ହିଙ୍ଗୁଳା କ୍ଷେତ୍ର ମହାପ୍ରବନ୍ଧକ ମେହମୁଦ ମିୟାଁ, ଡ଼ିଏଭି କଳିଙ୍ଗ ପ୍ରିନ୍ସପାଲ ସୁରେନ୍ଦ୍ର କୁମାର ଭୋଇ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟତ୍ରୀଗଣ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଶ୍ରୀ ଅନିମେଶ ପ୍ରଧାନ ହେଉଛନ୍ତି, ଏମସିଏଲ ଭରତପୁର ପ୍ରକଳ୍ପ କାର୍ଯ୍ୟାଳୟର ପୂର୍ବତନ ଆକାଉଣ୍ଟାଣ୍ଟ କିରାଣୀ ସ୍ୱର୍ଗତା ଅରୁଣା ପ୍ରଧାନଙ୍କ ସୁପୁତ୍ର ତଥା ଡିଏଭି କଳିଙ୍ଗର ପୂର୍ବତନ ଛାତ୍ର । ଏହି ଅବସରରେ ଶ୍ରୀ ପ୍ରଧାନ ତାଙ୍କ ଅନୁଭୂତି ବାଣ୍ଟି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ସେମାନଙ୍କୁ ଶିକ୍ଷାନୁଷ୍ଠାନରେ ସର୍ବୋତମ ପ୍ରଦର୍ଶନ କରିବାକୁ ଆହ୍ୱାନ କରିଥିଲେ । ନିଜ ତରଫରୁ କୃତଜ୍ଞତା ଜଣାଇ ଶ୍ରୀ ପ୍ରଧାନ କହିଥିଲେ ଯେ, 'ଯେ ମୋର ଶିକ୍ଷାଗତ ଯାତ୍ରାରେ ଏମସିଏଲ କ୍ରମାଗତ ଭାବରେ ଏକ ମାର୍ଗଦର୍ଶକର କାର୍ଯ୍ୟ ତୁଲାଇଛନ୍ତି, ଏବଂ ତାଙ୍କର ଆକାଂକ୍ଷାକୁ ବଢ଼ାଇବାରେ ତାଙ୍କ ସ୍କୁଲ ଏବଂ ଏମସିଏଲ ଉଭୟ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି' ।

# ହିଟ୍ ଷ୍ଟ୍ରୋକ୍ ରୋଗୀଙ୍କ ଚିକିତ୍ସା ପାଇଁ ଏମ୍ସ ଭୁବନେଶ୍ୱରରେ କାର୍ଯ୍ୟକରୁଛି ସ୍ୱତନ୍ତ୍ର ୟୁନିଟ୍




ଭୁବନେଶ୍ୱର: ରାଜ୍ୟରେ ପ୍ରଚଣ୍ଡ ରୌଦ୍ରତାପ କାରଣରୁ ଦିନକୁ ଦିନ ବୃଦ୍ଧି ଘଟୁଥିବା ହିଟ୍ ଷ୍ଟ୍ରୋକ୍ ରୋଗୀଙ୍କ ଚିକିତ୍ସା ନିମନ୍ତେ ଏମ୍ସ ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର ହିଟ୍ଷ୍ଟ୍ରୋକ୍ ୟୁନିଟ୍ କାର୍ଯ୍ୟକାରୀ ହୋଇଛି । ଅସହ୍ୟ ଗ୍ରୀଷ୍ମ କାରଣରୁ ଦେଖାଯାଉଥିବା ସନ୍ଷ୍ଟ୍ରୋକ ତଥା ଅନ୍ୟାନ୍ୟ ପରିସ୍ଥିତିର ସଫଳ ମୁକାବିଲା ନିମନ୍ତେ ଏମ୍ସରେ ଏହି ଉତ୍ସର୍ଗୀକୃତ ୟୁନିଟ୍ କାର୍ଯ୍ୟ କରିବ । ପ୍ରବଳ ଗ୍ରୀଷ୍ମ ପ୍ରବାହ ତଥା ଏନେଇ ସୃଷ୍ଟି ହେଉଥିବା ସମ୍ଭାବ୍ୟ ଆପତକାଳୀନ ପରିସ୍ଥିତିର ମୁକାବିଲା ନିମନ୍ତେ ଏମ୍ସ ଭୁବନେଶ୍ୱର ସ୍ୱତନ୍ତ୍ର ହିଟ୍ଷ୍ଟ୍ରୋକ ୟୁନିଟ୍ ବିଶେଷ ସହାୟକ ହେବାନେଇ ଆଶାବ୍ୟକ୍ତ କରିଛନ୍ତି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ । ଆବଶ୍ୟକୀୟ ଚିକିତ୍ସା ସୁବିଧା ସହିତ ବିଭିନ୍ନ ବିଭାଗର ଡାକ୍ତରଙ୍କ ପକ୍ଷରୁ ଏହି ୟୁନିଟ୍ରେ ସେବା ପ୍ରଦାନ କରାଯିବ ବୋଲି ଡ. ବିଶ୍ୱାସ ପ୍ରକାଶ କରିଛନ୍ତି । ସେହିପରି ପ୍ରଖର ଖରାରେ ନିହାତି ଆବଶ୍ୟକ ନଥିଲେ ବାହାରକୁ ନବାହାରିବାକୁ ସେ ପରାମର୍ଶ ଦେଇଛନ୍ତି । ଜରୁରୀ ପରିସ୍ଥିତିରେ ଦିନବେଳା ବାହାରକୁ ଯିବା ସମୟରେ ସମସ୍ତ ସତର୍କତାମୂଳକ ପଦକ୍ଷେପ ଯେପରିକି ସାଙ୍ଗରେ ଛତା, ଓଦା ଗାମୁଛା କିମ୍ବା ଟାୱେଲ୍ ଏବଂ ପାଣି ବୋତଲ ଭଳି ସାମଗ୍ରୀ ନେବାକୁ ଡ. ବିଶ୍ୱାସ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି । ଆୟୁଷ ବିଭାଗରେ କାର୍ଯ୍ୟକ୍ଷମ ଛଅ ଶଯ୍ୟା ବିଶିଷ୍ଟ ଏହି ସ୍ୱତନ୍ତ୍ର ହିଟ୍ଷ୍ଟ୍ରୋକ୍ ୟୁନିଟ୍ ଗତ ସପ୍ତାହରୁ କାର୍ଯ୍ୟକ୍ଷମ ହୋଇଥିବା ଏମ୍ସ ମେଡିକାଲ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା ସୂଚନା ଦେଇଛନ୍ତି । ଏଯାବତ ଏମ୍ସ ଭୁବନେଶ୍ୱର ପକ୍ଷରୁ ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ସନ୍ଷ୍ଟ୍ରୋକ୍ ପିଡ଼ୀତ ରୋଗୀଙ୍କୁ ଚିକିତ୍ସା ପ୍ରଦାନ କରାଗଲାଣି । ଜେନେରାଲ୍ ମେଡିସିନ୍, ଟ୍ରମା ଏବଂ ଜରୁରୀକାଳୀନ ପରିସ୍ଥିତି ଏବଂ ଆୟୁଷ ବିଭାଗର ବିଭାଗୀୟ ମୁଖ୍ୟଙ୍କୁ ନେଇ ଏକ ଜରୁରୀକାଳୀନ ବୈଠକରେ ଏହି ୟୁନିଟ୍ର ସଫଳ ପରିଚାଳନା କାର୍ଯ୍ୟଶୈଳୀ ପ୍ରସ୍ତୁତି ସୁନିଶ୍ଚିତ କରାଯାଇଥିଲା । ମେଡିସିନ୍ ବିଭାଗ ସହକାରୀ ପ୍ରଫେସର ଡ. ଶ୍ରୀକାନ୍ତ ବେହେରାଙ୍କୁ ହିଟ୍ ଷ୍ଟ୍ରୋକ ୟୁନିଟ୍ର ନୋଡାଲ୍ ଅଧିକାରୀ ଭାବରେ ନିଯୁକ୍ତ କରାଯାଇଛି । ଏହି ୟୁନିଟ୍ରେ ଆବଶ୍ୟକୀୟ ପର୍ଯ୍ୟାପ୍ତ ପରିମାଣର ଔଷଧ, ଓଆର୍ଏସ ଆଦି ଗଚ୍ଛିତ ରଖାଯାଇଛି । ସେହିପରି ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଡାକ୍ତରୀ କର୍ମଚାରୀମାନେ ସଜାଗ ଅଛନ୍ତି । ଜନସାଧାରଣଙ୍କୁ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟସେବା ପ୍ରଦାନ ନିମନ୍ତେ ଏମ୍ସ ଭୁବନେଶ୍ୱର ସର୍ବଦା ନିଜର ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି । ଏଥିସହିତ ଏହି ଗ୍ରୀଷ୍ମ ପ୍ରବାହ ଏବଂ ପ୍ରଚଣ୍ଡ ତାତିର ଅବଧି ମଧ୍ୟରେ ଲୋକମାନେ ସେମାନଙ୍କ ସୁସ୍ଥତାକୁ ପ୍ରାଥମିକତା ଦେବା ଆବଶ୍ୟକ ।

# ହ୍ୟାଲୋ ବଲିଉଡ୍



## ଅଡୁଆରେ ତମନ୍ନା ଭାଟିଆ

ଅଭିନେତ୍ରୀ ତମନ୍ନା ଭାଟିଆଙ୍କୁ ସମନ। ମହାଦେବ ସାଇବର ସେଲ୍ ତାଙ୍କୁ ସମନ ପଠାଇଛି। ମହାଦେବ ବେଟିଂ ଆପ୍ ସହ ଜଡିତ ଏକ ସହାୟକ ଆପର ପ୍ରମୋସନ କରିଥିବା ଅଭିଯୋଗରେ ସାଇବର ସେଲ୍ ତାଙ୍କୁ ସମନ ପଠାଇଛି। ରିପୋର୍ଟ ଅନୁସାରେ, ମହାଦେବ ଅନଲାଇନ ଗେମିଂ ଏବଂ ବେଟିଂ ଆପର ଏକ ସହାୟକ ଆପର ପ୍ରମୋସନ କରୁଥିଲେ ତମନ୍ନା ଭାଟିଆ। ଏହି ଆପ୍ ଜରିଆରେ ଆଇପିଏଲ୍ ମ୍ୟାଚ୍ ଦେଖିବା ପାଇଁ ତମ୍ମନା ଲୋକଙ୍କୁ ପ୍ରୋତ୍ସାହିତ କରିଥିବା ମହାରାଷ୍ଟ୍ର ସାଇବର ସେଲ୍ ଅଭିଯୋଗ କରିଛି। ବ୍ରଡକାଷ୍ଟରଙ୍କ ଅଭିଯୋଗ ଅନୁଯାୟୀ, କେତେକ ଆଇପିଏଲ୍ ମ୍ୟାଚ୍ ମଧ୍ୟ ଆପରେ ବେଆଇନ ଭାବରେ ଷ୍ଟ୍ରିମ୍ ହୋଇଥିଲା। ତମନ୍ନାଙ୍କୁ ଆସନ୍ତା ସପ୍ତାହ ମଧ୍ୟରେ ସାଇବର ସେଲ୍ କାର୍ଯ୍ୟାଳୟରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ମହାରାଷ୍ଟ୍ର ସାଇବର ସେଲ୍ ଏହି ମାମଲାରେ ଗାୟକ ବାଦଶାହ, ଅଭିନେତା ସଞ୍ଜୟ ଦତ୍ତ ଏବଂ ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜଙ୍କ ମ୍ୟାନେଜରଙ୍କ ବିବୃତ୍ତି ମଧ୍ୟ ରେକର୍ଡ କରିସାରିଛି।

# ୟୁକ୍ରେନ୍‌କୁ ଗୁପ୍ତ ଭାବରେ ଦୂରଗାମୀ ମିସାଇଲ୍ ପଠାଇଲା ଆମେରିକା !

**୩୦୦ ମିଲିୟନ୍ ଡଲାରର ମିସାଇଲ ୟୁକ୍ରେନ୍‌କୁ ଆମେରିକା ଗୁପ୍ତ ଭାବରେ ପଠାଇଥିବା ନେଇ ଜଣେ ଶୀର୍ଷ ଅଧିକାରୀ ସୂଚନା ଦେଇଛନ୍ତି । ଏହି ସମାରିକ ସହାୟତା ପ୍ୟାକେଜକୁ ମାର୍ଚ୍ଚ ୧୨ରେ ଅନୁମୋଦନ କରିଥିଲେ ରାଷ୍ଟ୍ରପତି ଜୋ ବାଇଡେନ୍ ।**



**ୱାଶିଂଟନ:** ରଷିଆ ସହ ଲଢ଼େଇ ଜାରି ରଖିବାକୁ ୟୁକ୍ରେନ୍‌କୁ ସାହାଯ୍ୟ କରିଆସିଛି ଆମେରିକା । ଲଗାତର ସାମରିକ ସହାୟତା ଦେଇ ରଷିଆ ବିରୋଧରେ ଯୁଦ୍ଧ କରିବାକୁ ୟୁକ୍ରେନକୁ ଉସୁକାଉଛି ହ୍ୱାଇଟହାଉସ୍ । ଆଉ ଏବେ ୩୦୦ ମିଲିୟନ୍ ଡଲାରର ମିସାଇଲ ୟୁକ୍ରେନ୍‌କୁ ଆମେରିକା ଗୁପ୍ତ ଭାବରେ ପଠାଇଥିବା ନେଇ ଜଣେ ଶୀର୍ଷ ଅଧିକାରୀ ସୂଚନା ଦେଇଛନ୍ତି । ଏହି ସମାରିକ ସହାୟତା ପ୍ୟାକେଜକୁ ମାର୍ଚ୍ଚ ୧୨ରେ ଅନୁମୋଦନ କରିଥିଲେ ରାଷ୍ଟ୍ରପତି ଜୋ ବାଇଡେନ୍ ।

ସେପଟେ କେତେ ମିସାଇଲ ୟୁକ୍ରେନ୍ ପଠାଯାଇଛି ତାହା ଆମେରିକୀୟ ଅଧିକାରୀ ଜଣଙ୍କ ସ୍ପଷ୍ଟ କରିନାହାନ୍ତି । ତେବେ ହ୍ୱାଇଟ ହାଉସ୍‌ର ଜାତୀୟ ସୁରକ୍ଷା ପରାମର୍ଶଦାତା ଜେକ୍ ସୁଲିଭାନଙ୍କ ଅନୁସାରେ, ୟୁକ୍ରେନ୍ ବହୁ ପରିମାଣରେ ମିସାଇଲ ପଠାଯାଇଛି ଏବଂ ଆଗକୁ ଆହୁରି ପଠାଯିବ । ଏହି ମିସାଇଲକୁ ୟୁକ୍ରେନ୍ ରଷିଆରେ ନୁହେଁ ନିଜ ଦେଶ ଭିତରେ ବ୍ୟବହାର କରିବ ବୋଲି କଥା ଦେଇଛି । ଏହି ମିସାଇଲ ପ୍ରଥମ ଥର ପାଇଁ ଏପ୍ରିଲ ୧୭ରେ ବ୍ୟବହାର ହୋଇଥିଲା । ରଷିଆ ଅଧୀକୃତ କ୍ରିମିୟାରେ ୟୁକ୍ରେନ୍ ଏହି ମିସାଇଲ ମାଡ଼ କରିଥିଲା । ଯାହାକି ୟୁକ୍ରେନ୍ ସୀମାରୁ ୧୬୫ କିଲୋମଟରେ ଦୂରତାରେ ଅବସ୍ଥିତ ।

ଏହା ସହ ରଷିଆ ସେନା ବିରୋଧରେ ଦ୍ୱିତୀୟ ଥର ପାଇଁ ଦକ୍ଷିଣପୂର୍ବ ୟୁକ୍ରେନ୍‌ରେ ବ୍ୟବହାର ହୋଇଛି ଏହି ମିସାଇଲ । ତେବେ ୩୦୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିବାର କ୍ଷମତା ଥିବା ଏହି ଆର୍ମି ଟାକ୍ଟିକାଲ୍ ମିସାଇଲ ସିଷ୍ଟମ (ଏଟିଏସିଏମଏସ୍) କୁ ୟୁକ୍ରେନକୁ ଦିଆଯିବ କି ନାହିଁ, ଏହାକୁ ନେଇ ଆମେରିକାରେ ଦୀର୍ଘ ଦିନର ଧରି ଆଲୋଚନାର ପ୍ରସଙ୍ଗ ପାଲଟିଥିଲେ । ସେପଟେ ଗତ ସେପଟ୍ମ୍ବରରେ ୟୁକ୍ରେନକୁ ମିଡ୍-ରେଞ୍ଜ ମିସାଇଲ ଦେଇଥିଲା ଆମେରିକା । ବାଇଡେନ୍ ପ୍ରଶାସନର ଏଭଳି ନିଷ୍ପତ୍ତିକୁ ପେଣ୍ଟାଗନ ବିରୋଧ କରିଥିଲା । କାରଣ ଦୂରଗାମୀ ମିସାଇଲକୁ ଗୁଡ଼ିକ ରଷିଆ ଭିତରେ ୟୁକ୍ରେନ୍ ପକାଇପାରେ ବୋଲି ଚିନ୍ତା ପ୍ରକାଶ ପାଇଥିଲା ।

ଅନ୍ୟପଟେ ରଷିଆ ଏବେ ଉତ୍ତର କୋରିଆ ନିର୍ମିତ ଦୂରଗାମୀ ବାଲିଷ୍ଟିକ୍ ମିସାଇଲ୍‌ର ବ୍ୟବହାର କରୁଛି । ଗତ ଡିସେମ୍ବର ଏବଂ ଜାନୁଆରୀରେ ୟୁକ୍ରେନ୍‌ରେ ଏହି ମିସାଇଲ ରଷିଆ ବ୍ୟବହାର କରିବା ପରେ ଏଭଳି ନକରିବାକୁ ଆମେରିକା ମସ୍କୋକୁ ଚେତାବନୀ ଦେଇଥିଲା । ତେବେ ୟୁକ୍ରେନକୁ ଦୂରଗାମୀ ମିସାଇଲ ଦେବା ଲାଗି ବାଇଡେନ୍ ଅନୁମତି ଦେଇଥିଲେ । ଏହି ମିସାଇଲକୁ ଗୁପ୍ତଭାବେ ୟୁକ୍ରେନ୍‌କୁ ସପ୍ଲାଏ କରିବାକୁ ମଧ୍ୟ କହିଥିଲେ ଜୋ ବାଇଡେନ୍ ।

## ବ୍ୟାପକ ରାଜସ୍ୱ ଆଦାୟ ସତ୍ୱେ ଜୟପାଟଣା ଉପନିବନ୍ଧନ କାର୍ଯ୍ୟାଳୟରେ ପିଇବା ପାଣି ବ୍ୟବସ୍ଥା ନାହିଁ

**ମୁଖୀଗୁଡା:** କଳାହାଣ୍ଡି ଜିଲ୍ଲା ଜୟପାଟଣା ଉପନିବନ୍ଧନ କାର୍ଯ୍ୟାଳୟକୁ ବିଭିନ୍ନ ଅଞ୍ଚଳରୁ ଲୋକେ ବିଭିନ୍ନ କାମ ପାଇଁ ଆସିଥାନ୍ତି । ଏହି କାର୍ଯ୍ୟାଳୟରୁ ସରକାର ବାର୍ଷିକ ପ୍ରାୟ ଏକକୋଟି ଟଙ୍କାର ରାଜସ୍ୱ ପାଉଥିଲେହେଁ ଏହି କାର୍ଯ୍ୟାଳୟକୁ ଆସୁଥିବା ଲୋକେ ପିଇବାପାଣି ପାଇଁ ନାହିଁ ନଥିବାର ଅସୁବିଧାର ସମ୍ମୁଖିନ ହେଉଛନ୍ତି । କାର୍ଯ୍ୟାଳୟ ନିକଟରେ ପିଇବାପାଣିର ବ୍ୟବସ୍ଥା ନାହିଁ କି କାର୍ଯ୍ୟାଳୟର କର୍ମଚାରୀଙ୍କ ପାଇଁ ଶୌଚାଳୟର ମଧ୍ୟ ବ୍ୟବସ୍ଥା ନାହିଁ । ଜିଲ୍ଲାର ଅନ୍ୟ କାର୍ଯ୍ୟାଳୟରେ ଏସି ଲାଗିଥିଲେହେଁ ଜୟପାଟଣା ଉପନିବନ୍ଧନ କାର୍ଯ୍ୟାଳୟରେ ଏସି ଲାଗି ନଥିବାରୁ ପ୍ରବଳ ଗରମଯୋଗୁଁ କାର୍ଯ୍ୟାଳୟରେ ଲାଗିଥିବା ମେସିନ ବିଭିନ୍ନ ସମୟରେ ଖରାପ ହୋଉଛି । ଜୟପାଟଣା ଉପନିବନ୍ଧନ କାର୍ଯ୍ୟାଳୟରେ ଏସି ଦୀର୍ଘ ଦିନହେଲା ଲାଗିନାହିଁ । ଏବେ ଗ୍ରୀଷ୍ମପ୍ରବାହ ଯୋଗୁଁ ଏହି କାର୍ଯ୍ୟାଳୟକୁ ଆସୁଥିବା ଲୋକଙ୍କ ପାଇଁ ପିଇବାପାଣି ଜରୁରୀ ହୋଇ ପଡିଛି ।

### ଟ୍ରକକୁ ପଛରୁ ପିଟିଲା କାର୍

## ନବଜାତ ଶିଶୁ ସମେତ ୬ ମୃତ

**ହାଇଦ୍ରାବାଦ:** ହାଇଦ୍ରାବାଦ-ବିଜୟୱାଡା ଜାତୀୟ ରାଜପଥରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଟ୍ରକକୁ କାର୍ ପଛରୁ ଧକ୍କା ଦେବା ଫଳରେ ୬ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ନବଜାତ ଶିଶୁ ଥିବା ଜଣାପଡିଛି।

ଖବର ଅନୁସାରେ, ମୃତକମାନେ ହାଇଦ୍ରାବାଦର ବାସିନ୍ଦା। ଆଜି ସକାଳେ ସେମାନେ କୌଣସି କାମରେ ବିଜୟୱାଡା ଅଭିମୁଖେ ଯାଉଥିଲେ। ଏହି ସମୟରେ ରାସ୍ତାକଡରେ ପାର୍କିଂ ହୋଇଥିବା ଏକ ଟ୍ରକକୁ ପଛ ପଟୁ ଧକ୍କା ଦେଇଥିଲା କାର୍ ।



ମୃତକମାନେ ଗୋଟିଏ ପରିବାରର ହୋଇଥିବା ସନ୍ଦେହ କରାଯାଉଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ପୋଷ୍ଟମୋର୍ଟମ ପାଇଁ ପଠାଇଛି। ତେବେ ଦୁର୍ଘଟଣାର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ, ତଦନ୍ତ ଚାଲିଥିବା ଜଣେ ପୁଲିସ ଅଧିକାରୀ କହିଛନ୍ତି।

## ଜଳସେବା କେନ୍ଦ୍ର ମାଧ୍ୟମରେ ଭୋଟର୍ ସଚେତନତା

**କେନ୍ଦ୍ରାପଡ଼ା:** ଆସନ୍ତା ଜୁନ୍ ମାସ ୧ ତାରିଖରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଏକକାଳୀନ ଉଭୟ ଲୋକସଭା ଓ ବିଧାନସଭା ପାଇଁ ନିର୍ବାଚନ ତାରିଖ ଚୂଡ଼ାନ୍ତ ହୋଇଛି। ତେଣୁ ଏହି ନିର୍ବାଚନରେ ଶତପ୍ରତିଶତ ଭୋଟ୍‌ଦାନ ପାଇଁ ବ୍ୟାପକ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଭିନବ ଶୈଳୀରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି କ୍ରମରେ ଜଳସେବା କେନ୍ଦ୍ର ମାଧ୍ୟମରେ ଭୋଟର୍‌ମାନଙ୍କୁ ସଚେତନ କରିବାକୁ ଆଜିଠୁ ଅଭିଯାନ ଆରମ୍ଭ କରିଛି ଜିଲ୍ଲା ପ୍ରଶାସନ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଜି ଜଳସେବା କେନ୍ଦ୍ର ଉଦ୍‌ଘାଟନ କରି ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଛନ୍ତି, "ଭୋଟ୍‌ଦାନ ହେଉଛି ଏକ ସାମ୍ବିଧାନିକ ଅଧିକାର। ରାଜ୍ୟ ରାଜନୀତିର ପ୍ରମୁଖ ଜିଲ୍ଲା ଭାବେ ପରିଚିତ କେନ୍ଦ୍ରାପଡ଼ାର ସମସ୍ତ ଭୋଟର୍ ଆଗେଇ ଆସନ୍ତୁ ଏବଂ ନିଜର ମତ ସାବ୍ୟସ୍ତ କରି ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାକୁ ଅଧିକ ମଜବୁତ୍ କରନ୍ତୁ। ମୁଁ ମତଦାନ କରିବି ନିଶ୍ଚୟ, ଏହି ଶପଥ ସଭିଏଁ ନିଅନ୍ତୁ।" ଭୋଟର୍‌ମାନଙ୍କୁ ଅଧିକ ଆକୃଷ୍ଟ କରିବା ପାଇଁ ପ୍ରାଥମିକ ସ୍ତରରେ ସମସ୍ତ ବ୍ଲକ୍‌ରେ ମୋଟ୍ ୫୦ଟି ଜଳସେବା କେନ୍ଦ୍ରରେ ଏହି ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିବ। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅତିରିକ୍ତି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ପୀତାମ୍ବର ସାମଲ, ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ନୀଲୁ ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, କେନ୍ଦ୍ରାପଡ଼ା ଓ ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ରବୀନ୍ଦ୍ର କୁମାର ପ୍ରଧାନ, ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଅଶୋକ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେପିରେ ସାମିଲ ହେବେ ଲୋକପ୍ରିୟ ୟୁଟ୍ୟୁବର ମନୀଷ କଶ୍ୟପ



**ନୂଆଦିଲ୍ଲୀ:** ପଦ୍ମ ଧରିବେ ଲୋକପ୍ରିୟ ୟୁଟ୍ୟୁବର ମନୀଷ କଶ୍ୟପ । ବିହାରର ଏହି ଚର୍ଚ୍ଚିତ ୟୁଟ୍ୟୁବର ଗୁରୁବାର ଭାରତୀୟ ଜନତା ପାର୍ଟିରେ ସାମିଲ ହେବେ । ଦିଲ୍ଲୀ ସ୍ଥିତ ପାର୍ଟି କାର୍ଯ୍ୟାଳୟରେ ସେ ପଦ୍ମ ଧରିବେ । ତେବେ ସେ ପୂର୍ବରୁ ପଶ୍ଚିମ ଚମ୍ପାରଣ ସିଟରୁ ନିର୍ବାଚନ ଲଢିବେ ବୋଲି ଘୋଷଣା କରିଥିଲେ, ହେଲେ ଏବେ ସେ ନିର୍ବାଚନ ଲଢିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି । ନିଜକୁ ବିହାର ମାଟିର ପୁଅ ବୋଲି କହୁଥିବା ମନୀଷ କଶ୍ୟପ ପଶ୍ଚିମ ଚମ୍ପାରଣ ସିଟରେ ନିର୍ବାଚନ ପ୍ରଚାର ଆରମ୍ଭ କରିଦେଇଥିଲେ । ସେଠାରୁ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିବେ ବୋଲି କହିଆସୁଥିଲେ । ହେଲେ ଏହାପରେ ସେ ବିଜେପିରେ ସାମିଲ ହେବେ ବୋଲି ସୂଚନା ମିଳିଛି । ତେବେ ଜାଣିରଖିବା ଉଚିତ୍ ଯେ, ଏହା ପୂର୍ବରୁ ସେ ବିହାରର ଚନପଟିଆ ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିସାରିଛନ୍ତି । ଯେଉଁଥିରେ କି ତାଙ୍କୁ ପରାଜୟର ସାମ୍ନା କରିବାକୁ ପଡିଥିଲା ।

ସୂଚନାଯୋଗ୍ୟ ଯେ, ବିହାରର ବେତିୟା ଜିଲ୍ଲାରେ ରହିଥିବା ମନୀଷ କଶ୍ୟପ ସେତେବେଳେ ବେଶ ଚର୍ଚ୍ଚାକୁ ଆସିଥିଲେ, ଯେତେବେଳେ ତାଙ୍କୁ ମିଛ ଭାଇରାଲ ଭିଡିଓ କେସରେ ପୁଲିସ ଗିରଫ କରିଥିଲା । ପାଖାପାଖି ୯ ମାସ ଧରି ସେ ଜେଲରେ ରହିଥିଲେ । ତା ସହ ୟୁଟ୍ୟୁବରେ ମଧ୍ୟ ସେ ବେଶ ଲୋକପ୍ରିୟ । ତାଙ୍କ ଚ୍ୟାନେଲର ପାଖାପାଖି ୮.୭୫ ମିଲିୟନ୍ ସବସ୍କ୍ରାଇବର ଅଛନ୍ତି । ବିଶେଷକରି ସାମାଜିକ ମୁଦ୍ଦା ଉପରେ ସେ ଭିଡିଓ ବନାଉଥିବାବେଳେ, ତାଙ୍କର ଅନେକ ଭିଡିଓ ସୋସିଆଲ୍ ମିଡିଆରେ ବେଶ ଭାଇରାଲ ହେଇଥାଏ ।

## ପ୍ରବଳ ବର୍ଷା ଓ ଭୂସ୍ଖଳନ ଯୋଗୁଁ ବୋହିଗଲା ହାଇୱେ

### ଚୀନ୍ ସୀମାକୁ ଲାଗିଥିବା ଜିଲ୍ଲା ଗୁଡିକ ସହ ଯୋଗାଯୋଗ ବିଚ୍ଛିନ୍ନ

**ନୂଆଦିଲ୍ଲୀ:** ଅରୁଣାଚଳ ପ୍ରଦେଶରେ ଲଗାତାର କିଛି ଦିନ ହେବ ପ୍ରବଳ ବର୍ଷା ଲାଗି ରହିଛି। ବର୍ଷା ଓ ଭୂସ୍ଖଳନ ଯୋଗୁଁ

*ହାଇୱେର ଅଂଶ କଟିଯିବା କାରଣରୁ ବଡ ଧରଣର କ୍ଷତି ହୋଇଛି ଓ ଏଥିରେ ଯାତାୟତ ବାଧାପ୍ରାପ୍ତ ହୋଇଛି।*

ଦିବାଙ୍ଗ ଜିଲ୍ଲାର ଶେଷ ଶେଷ ଭାରତରୁ ଯୋଡୁଥିବା ନ୍ୟାସନାଲ ହାଇୱେ ୩୩ର ଏକ ଅଂଶ ଭାସି ଯାଇଛି। ଦିବାଙ୍ଗ ଘାଟି ଚୀନ୍ ସୀମାକୁ ଲାଗିକି ରହିଛି ଓ ରଣନୈତିକ ଦୃଷ୍ଟିରୁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଅଧିକାରୀଙ୍କ କହିବା ଅନୁସାର, ହାଇୱେର ଅଂଶ କଟିଯିବା କାରଣରୁ ବଡ ଧରଣର କ୍ଷତି ହୋଇଛି ଓ ଏଥିରେ ଯାତାୟତ ବାଧାପ୍ରାପ୍ତ ହୋଇଛି।



ବର୍ତ୍ତମାନ ନ୍ୟାସନାଲ ହାଇୱେ ଆଣ୍ଡ ଇନଫ୍ରାଷ୍ଟ୍ରକଚର ଡେଭଲପମେଣ୍ଟ କର୍ପୋରେସନ୍ ଲିମିଟେଡ୍ ଟିମ୍‌କୁ ପଠାଇଛି ଫଳରେ ରାଜପଥକୁ ତୁରନ୍ତ ତିଆରି କରିହେବ। ଅଧିକାରୀଙ୍କ କହିବା ଅନୁସାରେ, ଘଟଣାସ୍ଥଳକୁ ସବୁ ଜରୁରୀ ଜିନିଷ ପଠାଯାଉଛି। ଖାଇବା ଜିନିଷ ସହିତ ସବୁ ପ୍ରକାର ଜିନିଷ ଯୋଗାଇ ଦିଆଯାଉଛି, କୌଣସି ଜିନିଷର କିଛି ଅଭାବ ନାହିଁ। ଉଲ୍ଲେଖନୀୟ ଯେ, ଏହି ହାଇୱେ କଟିଯିବା ଏଥିପାଇଁ ଚିନ୍ତାଜନକ ରହିଛି, କାରଣ ଏହି ଜିଲ୍ଲାର ଲୋକ ଓ ସେନା ପାଇଁ ଲାଇଫଲାଇନ୍ ଅଟେ। ଚୀନ୍‌କୁ ଲାଗିଥିବା ସୀମା ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ସେନା ମଧ୍ୟ ସେହି ହାଇୱେକୁ ବ୍ୟବହାର କରିଥାଏ। ରାଜ୍ୟ ସରକାର ହାଇୱେକୁ କ୍ଷତି କରିବା ପରେ ଟ୍ରାଭେଲ ଆଡଭାଇଜରୀ ଜାରି କରିଛନ୍ତି ଓ ଆଗାମୀ ୩ ଦିନ ପର୍ଯ୍ୟନ୍ତ ସେ ବାଟ ଦେଇ ନଯିବାକୁ ପରାମର୍ଶ ଦିଆଯାଇଛି ।

## କନୌଜରୁ ଲୋକସଭା ନିର୍ବାଚନ ଲଢ଼ିବେ ଅଖିଳେଶ

**କନୌଜ:** ସମାଜବାଦୀ ପାର୍ଟିର ମୁଖ୍ୟ ତଥା ବିଧାୟକ ଭାବେ କାର୍ଯ୍ୟ କରୁଥିବା ଅଖିଳେଶ ଯାଦବ ଲୋକସଭା ନିର୍ବାଚନ ଲଢ଼ିବେ। ସେ ଉତ୍ତର ପ୍ରଦେଶ କନୌଜ ଆସନରୁ ପ୍ରାର୍ଥିପତ୍ର ଦାଖଲ କରିବେ ବୋଲି ଦଳ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହି ଆସନରୁ ଅଖିଳେଶ ପୂର୍ବରୁ ୩ଥର ଜିତିଥିଲେ। ସେହିପରି ତାଙ୍କ ପତ୍ନୀ ଡିମ୍ପଲ ଓ ବାପା ମୁଲାୟମ ସିଂହ ଯାଦବ ମଧ୍ୟ ଏହି ଆସନରୁ ଜିତିଥିଲେ।

ସମାଜବାଦୀ ପାର୍ଟି ପକ୍ଷରୁ କୁହାଯାଇଛି ଯେ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ଆସନ୍ତାକାଲି ମଧ୍ୟାହ୍ନରେ କନୌଜ ଆସନ ପାଇଁ ନାମାଙ୍କନ ଦାଖଲ କରିବେ। ୨୦୧୯ରେ ଅଖିଳେଶ ଆଜମଗଡ଼ ଲୋକସଭା ଆସନରେ ଜିତିଥିଲେ। କିନ୍ତୁ ୨୦୨୨ ବିଧାନସଭା ନିର୍ବାଚନରେ ସେ କର୍ହାଲ ଆସନରୁ ଜିତିବା ପରେ ସାଂସଦ ପଦରୁ ଇସ୍ତଫା ଦେଇଥିଲେ।

**ପୂର୍ବରୁ ୩ଥର ଏହି ଆସନରୁ ଜିତିଛନ୍ତି**

କନୌଜ ଆସନରେ ନିର୍ବାଚନ ଲଢ଼ିବା ପାଇଁ ପ୍ରଥମେ ସପା ଅଖିଳେଶଙ୍କ ପୁତୁରା ତେଜ ପ୍ରତାପ ସିଂହ ଯାଦବଙ୍କୁ ଟିକେଟ ଦେଇଥିଲା। ଗତ ସପ୍ତାହରେ ହିଁ ତାଙ୍କ ନାଁ ଘୋଷଣା ହୋଇଥିଲା। ଏବେ ଅଖିଳେଶ ଏଠାରୁ ଲଢ଼ିବାକୁ ଥିବାରୁ ତେଜ ପ୍ରତାପ ଆଉ ନାମାଙ୍କନ ଦାଖଲ କରିବେ ନାହିଁ।



୨୦୧୪ରେ ତେଜ ପ୍ରତାପ ମୈନପୁରୀ ଆସନରୁ ଲୋକସଭାକୁ ଯାଇଥିଲେ।

କନୌଜ ଯାଦବ ପରିବାର ଗଡ଼ ଓ ପାରିବାରିକ ସିଟ୍ ?। ତେଣୁ ସପା କର୍ମୀମାନେ ଅଖିଳେଶଙ୍କୁ ଏଠାରୁ ଲଢ଼ିବାକୁ ଦାବି କରିଥିଲେ। ସେମାନଙ୍କ ଦାବିକୁ ସମ୍ମାନ ଜଣାଇ ଅଖିଳେଶ କନୌଜ ଆସନରୁ ପ୍ରାର୍ଥୀ ହେବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୧୯ ଯାଏ କନୌଜ ବିଜେପିର ଗଡ଼ ରହିଥିଲା। କିନ୍ତୁ ୨୦୧୯ରେ ବିଜେପିର ସୁବ୍ରତ ପାଠକ ୧୪ ହଜାରରୁ କମ ଭୋଟରେ ଏଠାରେ ଜିତିଥିଲେ। ୨୦୧୨ ଉପ ନିର୍ବାଚନରେ ଅଖିଳେଶଙ୍କ ପତ୍ନୀ ଡିମ୍ପଲ ପ୍ରଥମଥର ଏଠାରୁ ଜିତିଥିଲା । ୨୦୧୪ରେ ମଧ୍ୟ ତାଙ୍କର ବିଜୟ ହୋଇଥିଲା। କିନ୍ତୁ ୨୦୧୯ରେ ସେ ବିଜେପିର ସୁବ୍ରତଙ୍କ ଠାରୁ ହାରି ଯାଇଥିଲେ। ମୁଲାୟମ ସିଂହଙ୍କ ଦେହାନ୍ତ ଯୋଗୁ ୨୦୨୨ରେ ଡିମ୍ପଲ ମୈନପୁର ଆସନରୁ ଉପ ନିର୍ବାଚନ ଲଢ଼ିଥିଲେ। ସେଠାରେ ସେ ପ୍ରାୟ ୩ ଲକ୍ଷ ଭୋଟରେ ଜିତିଥିଲେ। ମେ' ୧୩ରେ କନୌଜ ଲୋକସଭା ଆସନରେ ଭୋଟ ହେବ। ଜୁନ ୪ରେ ରେଜଲ୍ଟ ପ୍ରକାଶ ପାଇବ ।

## ବାଲିଗୁଡ଼ାରେ ବିଜେଡିର ବିଶାଳ ଶୋଭାଯାତ୍ରା

**କନ୍ଧମାଳ:** ବାଲିଗୁଡ଼ାରେ ବିଜେଡ଼ିର ଶକ୍ତି ପ୍ରଦର୍ଶନ ବାଲିଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜୁ ଜନତାଦଳ ଆଜି ତା''ର ଶକ୍ତି ପ୍ରଦର୍ଶନ କରି ନିର୍ବାଚନ ପ୍ରଚାର ଆରମ୍ଭ କରିଛି। ଆଜି ସକାଳେ ବାଲିଗୁଡ଼ା ସହରରେ ବିଜେଡ଼ି ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏଥିରେ ବିଜେଡ଼ିର କନ୍ଧମାଳ ସାଂସଦ ପ୍ରାର୍ଥୀ ଅଚ୍ୟୁତ ସାମନ୍ତ ଓ ବାଲିଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଚକ୍ରମଣୀ କହଁର ଯୋଗଦେଇ ଲୋକଙ୍କ ଆଶୀର୍ବାଦ କାମନା କରିଥିଲେ। ଏହି ଶୋଭାଯାତ୍ରାରେ ବାଲିଗୁଡ଼ାର ୫ଶହରୁ ଉର୍ଦ୍ଧ୍ୱ ମୋଟରସାଇକେଲ ଓ ୫ହଜାରରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ପରେ ଏକ ବିଶାଳ ମୋଟରସାଇକେଲ ଶୋଭାଯାତ୍ରାରେ ଅଚ୍ୟୁତ ସାମନ୍ତ ଓ ଚକ୍ରମଣି କହଁର ସାରଙ୍ଗଗଡରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ କର୍ମୀ ସମାବେଶରେ ଉଦବୋଧନ ଦେଇ ଅଚ୍ୟୁତ ସାମନ୍ତ କହିଥିଲେ ଓଡ଼ିଶାର ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋତେ ଦ୍ୱିତୀୟ ଥର ଆପଣମାନଙ୍କ ସାଂସଦ ପ୍ରାର୍ଥୀ କରିବା ସହ ଚକ୍ରମଣୀ କହଁରକୁ ବିଧାୟକ ପ୍ରାର୍ଥୀ କରିଛନ୍ତି। ନବୀନ ପଟ୍ଟନାୟକ ନେତୃତ୍ୱରେ ଓଡ଼ିଶା ଆଜି ଦେଶର ଏକ ଉନ୍ନତ ରାଜ୍ୟରେ ପରିଣତ ହୋଇଛି। ଓଡିଶାକୁ ଦେଶର ୧ନମ୍ବର ରାଜ୍ୟରେ ପରିଣତ କରିବା ସହ କନ୍ଧମାଳ ଜିଲ୍ଲାକୁ ଏକ ଉନ୍ନତ ଜିଲ୍ଲାରେ ପରିଣତ କରିବା ଲାଗି ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ପଡ଼ିବ। ଏଥିପାଇଁ ଶ୍ରୀ ସାମନ୍ତ ସମସ୍ତଙ୍କ ଆଶୀର୍ବାଦ କାମନା କରିଥିଲେ। ବାଲିଗୁଡ଼ା ତଥା କନ୍ଧମାଳ ଜିଲ୍ଲାରେ ପ୍ରଗତିର ରଥକୁ ଆଗେଇ ନେବା ପାଇଁ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଆଶୀର୍ବାଦ ପ୍ରଦାନ ନିମନ୍ତେ ଶ୍ରୀ ସାମନ୍ତ ନିବେଦନ କରିଥିଲେ।

## ରାଶିଫଳ

**ମେଷ:** କର୍ମକ୍ଷେତ୍ରରେ ଉନ୍ନତି ହେବ ଓ ବାକି ପଡିଥିବା ଅର୍ଥ ଆଦାୟ ହେବ । ଛାତ୍ରଛାତ୍ରୀ ଚାକିରି ପାଇଁ ଦୂରସ୍ଥାନକୁ ଯାତ୍ରା କରିବେ। ରାଜନୀତିରେ ଥିବା ବ୍ୟକ୍ତି ସଫଳତା ପାଇବେ ଓ ସୁସ୍ୱାଦୁ ଭୋଜନ କରିବେ ।

**ବୃଷ:** ପରିବାରରେ ଛୋଟ କଥାକୁ ନେଇ ଅଶାନ୍ତି ସୃଷ୍ଟି ହେବ । ଫଳରେ ମନରେ ଅସ୍ଥିରତା ବୃଦ୍ଧି ହେବ। ବ୍ୟବସାୟରେ କାହାରି ସହିତ କଳହ ହେଇପାରେ। ତେଣୁ ସତର୍କ ରୁହନ୍ତୁ ।

**ମିଥୁନ:** ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଯିବ । ଫଳରେ ମନ ଭଲ ରହିବ ନାହିଁ । କର୍ମକ୍ଷେତ୍ରରେ ପରିଶ୍ରମ ଅନୁସାରେ ପାରିଶ୍ରମିକ ମିଳିବ ନାହିଁ । ଗୁପ୍ତଶତ୍ରୁ ଅସୁବିଧାରେ ପକାଇପାରନ୍ତି । ରାଜନୀତି କରୁଥିବା ବ୍ୟକ୍ତିଙ୍କୁ ଶୁଭଫଳ ମିଳିବ ନାହିଁ ।

**କର୍କଟ:** ସାମାଜିକ ପ୍ରତିଷ୍ଠା ସହ ପ୍ରତ୍ୟେକ ପ୍ରତିଯୋଗିତା କ୍ଷେତ୍ରରେ ଆପଣ ବିଜୟୀ ହେବେ । ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବା ଦିଗରେ ଚେଷ୍ଟା କରି ସଫଳ ହେବେ, ଅପରାହ୍ନରେ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଶିଳ୍ପ, ବ୍ୟବସାୟ ଓ ପରିବହନରେ ସଫଳତା ଅବଶ୍ୟ ମିଳିବ, ବନ୍ଧୁ ଦର୍ଶନର ସୁଯୋଗ ଅଛି।

**ସିଂହ:** ସହକର୍ମୀମାନଙ୍କ ସହଯୋଗ ପାଇ ଉପରିସ୍ଥ ଅଧିକାରୀଙ୍କ ପ୍ରିୟଭାଜନ ହେବେ। ସରକାରୀ କାମରେ ସଫଳତା ପାଇବେ ଓ ଅଚାନକ ଭାବରେ ଧନ ଲାଭ ହେବ । ଶରୀର ଭଲ ରହିବା ସହ ନୂତନ କର୍ମପ୍ରାପ୍ତି ହୋଇପାରେ ।

**କନ୍ୟା:** ବ୍ୟବସାୟରେ ଆଶାତୀତ ଲାଭ ପାଇବେ ଓ ଶିକ୍ଷା କ୍ଷେତ୍ରରେ ମନଯୋଗ ଦେଇ ପ୍ରଶଂସିତ ହେବେ । ସନ୍ତାନର ସୁଖବର ଶୁଣି ଖୁସି ହେବେ ଓ ମିତ୍ରଙ୍କ ସାହାଯ୍ୟ ଦ୍ୱାରା କାର୍ଯ୍ୟ ହାସଲ କରିବେ। ନିଜର ଚତୁରତା ଓ ବିବେକ ହେତୁ ବିପରୀତ ପରିସ୍ଥିତିକୁ ମୁକାବିଲା କରିବେ ।

**ତୁଳା:** ସହକର୍ମୀମାନଙ୍କଠାରୁ ସାହାଯ୍ୟ ସହଯୋଗ ପାଇ ସାମାଜିକ ପ୍ରତିଷ୍ଠା, ମାନ ସମ୍ମାନରେ ଉନ୍ନତି ହେବ । ରାଜନୀତିରେ ଲୋକପ୍ରିୟତା ହାସଲ କରି ନୂତନ ଯୋଜନାକୁ କ୍ରିୟାନ୍ୱିତ କରିବେ । ବିଦ୍ୟାଧ୍ୟୟନ କ୍ଷେତ୍ରରେ ସଫଳତା ମିଳିବ ଓ ଦୂରଯାତ୍ରା କରି ମନ ଖୁସି ରହିବ ।

**ବିଚ୍ଛା:** ଶାରିରୀକ ସୁସ୍ଥତା ଦେଖା ଦେବା ସହ ମାନସିକ ଶାନ୍ତି ମିଳିବ । ସମ୍ପତ୍ତି ସମ୍ବନ୍ଧୀୟ ବିବାଦ ଠିକ୍ ଲୋକ ମଧ୍ୟସ୍ଥିରେ ସମାଧାନ ହେବ। ନୂଆ ଜ୍ଞାନର ବୃଦ୍ଧି ହେତୁ ପ୍ରଚୁର ଧନଲାଭ ହେବା ସହ କର୍ମକ୍ଷେତ୍ରରେ ପଦୋନ୍ନତିର ସୂଚନା ପାଇବେ। ମାଙ୍ଗଳିକ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି । କିନ୍ତୁ ସାବଧାନ ସହିତ ଯାତ୍ରା କରିବେ ।

**ଧନୁ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହୋଇ ମନ ଭଲ ରହିବ ଓ ଶତ୍ରୁମାନେ ଦୂର ହେବେ । ଜମିଜମା ସଂକ୍ରାନ୍ତୀୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ ହୋଇ ଆର୍ଥିକ କ୍ଷେତ୍ରରେ ଉନ୍ନତି ହେବ । ବ୍ୟବସାୟୀମାନେ କାରବାର ଦିଗରୁ ପ୍ରଚୁର ଲାଭବାନ୍ ହେବେ ।

**ମକର:** କୌଣସି ଗୁରୁତ୍ୱପୂର୍ଣ୍ଣ କର୍ମ ନେଇ ଅର୍ଥ ସଂପର୍କିତ ଚୁକ୍ତିପତ୍ର କଲେ ସଫଳତା ମିଳିବ। ପାରିବାରିକ ସ୍ନେହ ସହାନୁଭୂତି ପ୍ରାପ୍ତି ହେବାସହ ଶିକ୍ଷା କ୍ଷେତ୍ରରେ ପରୀକ୍ଷା, ପରିଣାମ ଅନୁକୂଳ ହେବ।

**କୁମ୍ଭ:** ପରିବାରରେ କାହାରି ସହିତ ଅଶାନ୍ତି ସୃଷ୍ଟି ହେବ। ସେଥିପାଇଁ ମନ ଭଲ ରହିବ ନାହିଁ । ଜମିବାଡ଼ିକୁ ନେଇ ବନ୍ଧୁଙ୍କ ସହିତ ବଚସା ହେବ ଓ ଗୁପ୍ତଶତ୍ରୁ ବୃଦ୍ଧି ହେବେ । ଛାତ୍ରଛାତ୍ରୀ ପାଠପଢ଼ାରେ ଉନ୍ନତି କରିବେ ଓ ଚାକିରୀ କ୍ଷେତ୍ରରେ ସଫଳତା ପାଇବେ।

**ମୀନ:** କର୍ମକ୍ଷେତ୍ରରେ ଶୁଭଖବର ମିଳିବ ଏବଂ ନୂଆ ବନ୍ଧୁଙ୍କ ସହିତ ମିଳନ ହେବ । ବ୍ୟବସାୟରେ ଲାଭ ପାଇବେ ଏବଂ ନୂଆ ବ୍ୟବସାୟ ପାଇଁ ମନ ବଳାଇବେ । ଦାମ୍ପତ୍ୟ ଜୀବନ ସୁଖମୟ ରହିବ ଓ ସୁସ୍ୱାଦୁ ଭୋଜନ କରିବେ । ସୁଖଶାନ୍ତି ବୃଦ୍ଧି ହେବାସହ କର୍ମକ୍ଷେତ୍ରରେ ଉତ୍ସାହିତ ହେବେ ।

ମାତୃଭାଷା

କଟକ, ଶୁକ୍ରବାର, ଏପ୍ରିଲ-୨୬, ୨୦୨୪ ପୃଷ୍ଠା: ୪

## ଶ୍ରୀମନ୍ଦିରରେ ଦିଅଁ ଅସଲି - ଘିଅ ନକଲି

ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ,ଯିଏ ଖୋଦ୍ ଅସଲି ଏବଂ ଯାହାଙ୍କ ସୃଷ୍ଟି ରଚନା ଅସଲି ଆଉ ତାଙ୍କ ସୃଷ୍ଟ ମଣିଷ ବି ଅସଲି, ସେହି ବିଶ୍ୱ ନିୟନ୍ତ୍ରକଙ୍କ ଶ୍ରୀମନ୍ଦିରରେ ଏବେ ଦୀପ ଠାରୁ ନେଇ ଭୋଗ ଯାଏ ସବୁ କିଛି ନକଲିରେ ଚାଲିଛି । ଅର୍ଥାତ୍ ଶ୍ରୀମନ୍ଦିରରେ ନକଲି ମାଲ୍ ର ଅବାଧ ପ୍ରବେଶ ଆଉ ବ୍ୟାପକ ଅପପ୍ରୟୋଗ ଚାଲିଛି ।ଅଥଚ ଶ୍ରୀମନ୍ଦିର ପ୍ରଶାସନ ନୀରବଦ୍ରଷ୍ଟା ସାଜିଛନ୍ତି ।। କଥାଟି ହେଉଛି ଏପରି ଯେ ଭଲ ଗୁଆଘିଅରେ ପ୍ରସ୍ତୁତ ହେବ ମହାପ୍ରସାଦ । ଦୀପ ଦୋକାନୀମାନେ ବି ଭଲ ଘିଅ ବ୍ୟବହାର କରିବେ । ୨୦୧୭ ମସିହାରେ ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା । କିନ୍ତୁ ବର୍ଷ ଗଡ଼ିବା ସହ ଏହି ନିର୍ଦ୍ଦେଶନାମା ବି ଅକାମୀ ହୋଇଗଲାଣି । ଶ୍ରୀମନ୍ଦିର ଭିତରେ ଅବାଧ ପଶୁଛି ଅଣସ୍ବୀକୃତ ଓ ବେନାମୀ ଘିଅ ।

ଦୀପଠୁ ଭୋଗ ପର୍ଯ୍ୟନ୍ତ ସବୁଠି ବ୍ୟବହାର ହେଉଛି ଏହି ନିମ୍ନମାନର ଘିଅ । ଅଧିକାଂଶ ଦୀପ ଦୋକାନ ଓ ସୁଆରଙ୍କ ଗୋଦାମରେ ଭରି ରହିଛି ବେନାମୀ ଘିଅ । ଶ୍ରୀମନ୍ଦିରରେ ଦୋନମ୍ବରୀ ଘିଅର ବହୁଳ ବ୍ୟବହାର ଚାଲିଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ କୌଣସି ପଦକ୍ଷେପ ନ ନେବା ଭକ୍ତ ମହଲକୁ ଆନ୍ଦୋଳିତ କରିଛି । ପ୍ରଶାସନ ଜାଣିଶୁଣି ବେନାମୀ ଘିଅ ପ୍ରଚଳନକୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ ହୋଇଛି ।

ମହାପ୍ରସାଦରେ ବହୁଳ ପରିମାଣରେ ନିମ୍ନମାନର ଘିଅ ବ୍ୟବହାର ନେଇ ଅଭିଯୋଗ ଉଠିବା ପରେ ଶ୍ରୀମନ୍ଦିର ପରିଚାଳନା କମିଟି ଓ ବିଭିନ୍ନ ସେବାୟତ ନିଯୋଗର ଅନୁରୋଧକ୍ରମେ ଓମ୍‌ଫେଡ୍ ପ୍ରସ୍ତୁତ ଦେଶୀ ଗୁଆଘିଅରେ ମହାପ୍ରସାଦ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ହୋଇଥିଲା । କେବଳ ସେତିକି ନୁହେଁ, ନିମ୍ନମାନର ଘିଅ ଦ୍ୱାରା ଶ୍ରୀମନ୍ଦିରର ପଥର କଳା ହେବା ସହ ନଷ୍ଟ ହେଉଥିବାରୁ ଓମଫେଡ୍ ଘିଅ ଏଥିରୁ ରକ୍ଷା କରିବ ବୋଲି କୁହାଗଲା । ୨୦୧୭ ମସିହା ସେପ୍ଟେମ୍ବରରେ ଏ ଉପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଧିବଦ୍ଧ ନିର୍ଦ୍ଦେଶନାମା ଜାରି ହୋଇଥିଲା । ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଓ ସେବାୟତଙ୍କୁ ନେଇ ଏକ ଯାଞ୍ଚ କମିଟି ମଧ୍ୟ ଗଠିତ ହେଲା । କେବଳ ମହାପ୍ରସାଦ ନୁହେଁ, ଦୀପ ଦୋକାନୀମାନେ ମଧ୍ୟ ଓମ୍‌ଫେଡ୍ ଘିଅ ବ୍ୟବହାର କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା । ସେହି ଅନୁସାରେ ସୁଆର ମହାସୁଆର ନିଯୋଗ ସହ ଅନ୍ୟ ସବୁ ନିଯୋଗକୁ ବି ଶ୍ରୀମନ୍ଦିର ପ୍ରଶାସନ ଚିଠି କରିଥିଲା ।

ଶ୍ରୀମନ୍ଦିର ଭିତରେ ଓମ୍‌ଫେଡ୍ ଛଡ଼ା ଅନ୍ୟ କୌଣସି କମ୍ପାନୀର ଘିଅ ବ୍ୟବହାର ହେବନାହିଁ ବୋଲି ମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଥିଲା । ଦୀପ ହେଉ ବା ଭୋଗ ପ୍ରସ୍ତୁତି, ସବୁ ଓମ୍‌ଫେଡ୍ ଘିଅରେ ପ୍ରସ୍ତୁତି କରାଯିବ । କିନ୍ତୁ ଏବେ ସ୍ଥିତି ସମ୍ପୂର୍ଣ୍ଣ ଓଲଟା । ସବୁଠି ବେନାମୀ ଘିଅ ବ୍ୟବହାର ହେଉଛି । ଶ୍ରୀମନ୍ଦିର ଭିତରେ ସବୁ ମନ୍ଦିର ପାଖରେ ଦୀପ ଦୋକାନ ରହିଛି । ଅନେକ ଦୀପ ଦୋକାନୀ ସାମ୍ନାରେ ଓମ୍‌ଫେଡ୍ ଘିଅ ଡବା ରଖୁଛନ୍ତି ସତ, କିନ୍ତୁ ଦୀପ ମାଗିଲେ, ସେହି ଡବା ବଦଳରେ ନକଲି ଘିଅର ଦୀପ ଦେଉଛନ୍ତି । ଦୀପ ଦୋକାନ ବ୍ୟତୀତ ଭୋଗରେ ବି ବ୍ୟବହାର ହେଉଛି ବେନାମୀ ଘିଅ । ପ୍ରତିଦିନ ସକାଳେ ସୁଆର ମହାସୁଆର ନିଯୋଗରୁ ଭୋଗ ପ୍ରସ୍ତୁତ ପାଇଁ ଚାଉଳ, ଡାଲି, ଘିଅ ଆସୁଛି । ସେଠାରେ ଓମ୍‌ଫେଡ୍ ସହିତ ରହିଛି ଅନ୍ୟ ଘିଅ । ଖୋଲାଖୋଲି ବାହାର ଘିଅ ବ୍ୟବହାର ହେଉଛି । ଆରମ୍ଭରୁ ଏ ନେଇ ଯାଞ୍ଚ ହେଲା । ହେଲେ ଏବେ ଶ୍ରୀମନ୍ଦିର ପ୍ରଶାସନର ଆଉ ଏଥିପ୍ରତି ନଜର ନାହିଁ ।

ଶ୍ରୀମନ୍ଦିର ବରିଷ୍ଠ ସୁପରଭାଇଜର ବଙ୍କି ପ୍ରତିହାରୀ କହିଛନ୍ତି, ମହାପ୍ରସାଦ ଓମ୍‌ଫେଡ୍‌ରେ ପ୍ରସ୍ତୁତ ହେବା ନିଷ୍ପତ୍ତି ସେହିଭଳି ଝୁଲିରହିଛି । ଯଦି ବେନାମୀ ଘିଅ ବଦଳରେ ଓମ୍‌ଫେଡ୍ ଘିଅ ବ୍ୟବହାର ହୁଅନ୍ତା, ବହୁତ ଭଲ ହୁଅନ୍ତା । ଅପରପକ୍ଷେ ଶ୍ରୀମନ୍ଦିର ପାଇଁ ଆବଶ୍ୟକ ଓମ୍‌ଫେଡ୍ ଘିଅ ବି ସରକାରଙ୍କ ପକ୍ଷରୁ ସୁଲଭ ଦରରେ ମିଳିଲେ, ଉଭୟ ସୁପକାର ଓ ଭକ୍ତମାନେ ଉପକୃତ ହୋଇପାରନ୍ତେ । ଏ ସମ୍ପର୍କରେ ସେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି । ଦୀପ ବି ଓମ୍‌ଫେଡ୍ ଘିଅରେ ଦେବାକୁ କୁହାଯାଇଥିଲା । ଯାଞ୍ଚ ପାଇଁ ସ୍କ୍ୱାଡ୍ ଗଠନ ହେଲା । କିନ୍ତୁ ୧୦୧ଜଣିଆ ଏହି ସ୍କ୍ୱାଡ୍‌ଙ୍କ ଅନ୍ୟତ୍ର ବଦଳି ପରେ ଆଉ ସେଭଳି ଯାଞ୍ଚ ହୋଇପାରୁନି ।

ଯଦି ସରକାର ଶ୍ରୀ ମନ୍ଦିରର ବାହ୍ୟ ପରିବେଶକୁ ଆକର୍ଷଣୀୟ କରିବା ଲାଗି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ ବାବଦରେ ଏତେ ବିପୁଳ ଅର୍ଥ ବ୍ୟୟ କରିପାରିଲେ, ତେବେ ଶ୍ରୀମନ୍ଦିରର ପରିଶୁଦ୍ଧତା ରକ୍ଷା ଲାଗି କାହିଁକି ପଛେଇ ଯାଇଛନ୍ତି । ଯଦି ସରକାର ଶ୍ରୀମନ୍ଦିର ପରିସରରେ ନକଲି ଘିଅରେ ପ୍ରବେଶକୁ ରୋକିବାରେ ଅକ୍ଷମ, ତେବେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣର ବାସ୍ତବିକତାର କଣ ଅର୍ଥ ରହିଲା ?

## ନିର୍ବାଚନୀ ଇସ୍ତାହାର, ଅଂଶୁଘାତ ଓ ମଦ କଟକଣା

*ବିକ୍ରମ ଦାଶ*

ଦେଶରେ ବିଭିନ୍ନ ସମୟରେ ନିର୍ବାଚନ ସମୟରେ ଟଙ୍କା ଜବତ ହୋଇଥାଏ ଏବଂ ମଦ ମଧ୍ୟ ଜବତ ହୋଇଥାଏ । ଇତିମଧ୍ୟରେ ଅନେକ ଦଳର ନିର୍ବାଚନ ଇସ୍ତାହାର ପ୍ରକାଶ ହୋଇସାରିଲାଣି ତେବେ ବଡ଼ ଦୁଃଖର କଥା ଏହି ସଂକଳ୍ପ ପତ୍ର ନାମରେ ମଦମୁକ୍ତ ସମାଜ ପାଇଁ କେହି ଇସ୍ତାହାରରେ ରଖିନାହାଁନ୍ତି । ମଦ ବିକ୍ରୟରୁ ପ୍ରଚୁର ରାଜସ୍ୱ ଆସୁଛି ସତ କିନ୍ତୁ ସାମାଜିକ ଜୀବନ ବିପର୍ଯ୍ୟୟ ହେଉ ପଛେ ମଦକୁ ବାରଣ କରିହେବନାହିଁ ଏଭଳି ଚିନ୍ତାଧାରା ଜନମଙ୍ଗଳ ରାଷ୍ଟ୍ରପାଇଁ ନିଶ୍ଚିତ ଭାବେ କ୍ଷତିକାରକ । ଏକଥା କେହି ବୋଧେ ଅସ୍ୱୀକାର କରିପାରିବେ ନାହିଁ । ଯଦି ସତରେ ନେତାଏ ଲୋକଙ୍କ ମଙ୍ଗଳ ଚାହୁଁଥାନ୍ତେ ଓ ନିଜକୁ ଲୋକଙ୍କ ସେବକ ବୋଲି ଭାବୁଥାନ୍ତେ ତାହାହେଲେ ପ୍ରତିଟି ଦଳର ନିର୍ବାଚନ ଇସ୍ତାହାରରେ ମଦମକ୍ତ ସମାଜ ଗଠନର ପ୍ରତିବଦ୍ଧତା ଦେଖିବାକୁ ମିଳିଥାନ୍ତା । ବର୍ତ୍ତମାନ ସମୟକୁ ଦେଖିଲେ ସମାଜରେ ମଦ୍ୟପାନ ବା ନିଶାଜନିତ କାରଣରୁ ଅନେକ ଅଘଟଣ ଘଟୁଛି । ତେଣୁ ନିର୍ବାଚନୀ ଇସ୍ତାହାରରେ ଏହାକୁ ଗୁରୁତ୍ୱ ଦେବାକଥା ।

ଯେଉଁମାନଙ୍କ ରକ୍ତରେ ଆଲକହଲ ଓ ନିକୋଟିନର ପରିମାଣ ଅଧିକଥାଏ ସେମାନେ ଖରାଦିନେ ଅଂଶୁଘାତର ଶିକାର ହେବା ସମ୍ଭାବନା ଅଧିକ । ଅଂଶୁଘାତ ଜନିତ ଅପମୃତ୍ୟୁ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ମାନ ନିଆଯାଉଛି ସେଥିରେ ଖରାଦିନେ ନିଶାସେବନ ଉପରେ କଟକଣା କିନ୍ତୁ ରହୁନାହିଁ । ଚିକିତ୍ସା ବିଜ୍ଞାନୀ ମାନଙ୍କ ମତରେ ନିଶାଗ୍ରସ୍ତ ଲୋକର ଶାରୀରିକ ଦୁର୍ବଳତା କ୍ରମଶଃ ବୃଦ୍ଧି ପାଉଥିବାରୁ ଖରାଦିନେ ସେମାନେ ଅଧିକ ମଦ୍ୟପାନ କଲେ ଅଂଶୁଘାତ ଓ ଅନ୍ୟାନ୍ୟ ରୋଗର ଶିକାର ହେବା ସମ୍ଭାବନା ଅଧିକ । ଏବେ କିନ୍ତୁ ଏ ଦିଗଟି ପ୍ରତି ସମସ୍ତେ ଏକ ପ୍ରକାର ମିଳିମିଶି ଆଖିବୁଜି ଦେଇଛନ୍ତି । ୪୦ ଡିଗ୍ରୀରୁ ଉର୍ଦ୍ଧ୍ୱ ତାପମାତ୍ରାରେ ରାଜ୍ୟର ବିଭିନ୍ନ ଅଞ୍ଚଳ ଏକ ପ୍ରକାର ସିଝୁଥିବାବେଳେ ମଦଦୋକାନ ଗୁଡ଼ିକ କିନ୍ତୁ ଖୋଲା ରହୁଛି । ସରକାରୀ ବ୍ୟବସ୍ଥାନୁଯାୟୀ ଦିନ ୧୧ଟା ପରେ କୌଣସି ଶ୍ରମିକଙ୍କୁ କାମରେ ଲଗାଯାଇ ପାରିବ ନାହିଁ । କିନ୍ତୁ ସଂଖ୍ୟାଧିକ ସରକାରୀ କାମରେ ଶ୍ରମିକମାନେ ସିଝି ସିଝି କାମ କରୁଛନ୍ତି । ଏମାନଙ୍କ ଭିତରୁ କେତେକ ଭୁଲ୍ ବିଶ୍ୱାସରେ ପ୍ରଭାବିତ ହୋଇ ପାଣି ବଦଳରେ ମଦ ପିଉଥିବା ଲକ୍ଷ୍ୟ କରାଯାଉଛି । ଏଠାରେ ଉଲ୍ଲେଖନୀୟ ଯେ ରାଜ୍ୟରେ ଯେତେ ବଡ଼ ବଡ଼ ମଦମୃତ୍ୟୁ ଦୁର୍ଘଟଣାମାନ ଘଟିଛି ସେଥିରୁ ସଂଖ୍ୟାଧିକ ଖରାଦିନେ ହୋଇଛି । ମଇ ମାସରେ ହୋଇଥିବା କଟକର ବହୁ ପ୍ରଚାରିତ ମଦମୃତ୍ୟୁ ଦୁର୍ଘଟଣା ଏହାର ଏକ ଉଦାହରଣ । ଏ ପରିପ୍ରେକ୍ଷୀରେ ଖରାଦିନ ଯାକ ସମସ୍ତ ଦେଶୀ ବିଦେଶୀ, ମହୁଲି ଏବଂ ଲାଇସେନ୍ସପ୍ରାପ୍ତ ଓ ଚୋରାମଦ ବିପଣନ ଉପରେ କଡ଼ା କଟକଣା ଜାରି କରିବା ପାଇଁ ଅନେକ ସ୍ୱେଚ୍ଛାସେବୀ ସଂଗଠନ ଦାବି ଉଠାଇଛନ୍ତି । ଚିକିତ୍ସା ବିଜ୍ଞାନୀମାନେ କହୁଛନ୍ତି ଯେ ଅତ୍ୟଧିକ ତାପମାତ୍ରା ସମୟରେ ମଦଭଳି ଉତ୍ତେଜକ ପାନୀୟ ବ୍ୟବହାର କରିବା ଫଳରେ ସଂଖ୍ୟାଧିକ ମଦୁଆ ବୃକକ୍, ଯକୃତ, ପାକସ୍ଥଳୀ, ସ୍ନାୟବୀୟ ରୋଗରେ ଆକ୍ରାନ୍ତ ହେବା ସହିତ ଦୃଷ୍ଟିଶକ୍ତି ବି ହରାଉଛନ୍ତି । ଏଥିଯୋଗୁଁ ଅନେକ ମଦୁଆଙ୍କ ଶ୍ରମ କରିବାର ଶକ୍ତି ହ୍ରାସ ପାଇବା ସଙ୍ଗେ ସଙ୍ଗେ ସେମାନଙ୍କ ପ୍ରଜନନ କ୍ଷମତା ବି ବାଧାପ୍ରାପ୍ତ ହେଉଛି । ଦୁର୍ବଳ ସ୍ୱାସ୍ଥ୍ୟ ସମ୍ପନ୍ନ ଲୋକେ ଖରାଦିନିଆ ମଦ୍ୟପାନ ଯୋଗୁଁ ସହଜରେ ସମସ୍ୟାକୁ ନିୟନ୍ତ୍ରଣ କରୁଥିବାବେଳେ ଅପେକ୍ଷାକୃତ ସବଳ ଓ ବିଶେଷକରି ଯୁବବର୍ଗର ମଦୁଆଙ୍କ ଉପରେ ଏହି ଖରାଦିନିଆ ମଦ୍ୟପାନ ସ୍ଲୋ ପଏଜନ ଭଳି କାମ କରୁଛି । ଏଥିଯୋଗୁଁ ପ୍ରତିଦିନ ମୃତାହତଙ୍କ ସଂଖ୍ୟା ବଢୁଥିଲେ ବି ସେମାନଙ୍କୁ ଅଂଶୁଘାତ ତାଲିକାରେ ସାମିଲ କରାଯାଉନାହିଁ । କେବଳ ମଦ ନୁହେଁ ରାଜ୍ୟରେ ଗଞ୍ଜେଇ, ସିଗାରେଟ, ଗୁଟ୍‌ଖା ଆଦିରୁ ବହୁ ପ୍ରସାର ଯୋଗୁଁ ବି ଏହାର ବ୍ୟବହାରକାରୀଙ୍କ ରକ୍ତରେ ନିକୋଟିନ୍‌ର ପରିମାଣ ବୃଦ୍ଧି ପାଉଛି । ଖରାଦିନେ ଏହି କିସମର ନିଶାଡ଼ିମାନେ ନିଜକୁ ଅପମୃତ୍ୟୁ ଆଡ଼କୁ ଟାଣି ନେଉଛନ୍ତି । ରାଜ୍ୟ ସରକାର ଏହି ମାନବୀୟ ସମସ୍ୟାର ବିଜ୍ଞାନସମ୍ମତ ବିଶ୍ଳେଷଣ କରି ନିକୋଟିନ୍ ଓ ଆଲକହଲ ଜନିତ ମହାମାରୀରୁ ସାଧାରଣ ଲୋକଙ୍କୁ ବଞ୍ଚାଇବା ପାଇଁ ଓଡ଼ିଶା ମଦମୁକ୍ତି ଅଭିଯାନ ଓ ନିଶାମୁକ୍ତି ଯୁବ ସଂକଳ୍ପ ସଂଗଠନ ଦାବି କରିଛି ।

## ନ୍ୟାୟିକ ସେବା ପ୍ରାଧିକରଣ : କଏଦୀଙ୍କ ପାଇଁ ବରଦାନ

**ପୁଷ୍ପମିତ୍ର ମହାପାତ୍ର**

ଆମ ଓଡ଼ିଶାରେ ଅନ୍ୟ ରାଜ୍ୟ ତୁଳନାରେ ବିଭିନ୍ନ ଜେଲରେ ୭୦% ବିଚାରାଧୀନ କଏଦୀ ରହିଛନ୍ତି । ସେମାନଙ୍କ ଭିତରୁ ଅନେକ ଏପରି ଶ୍ରେଣୀର ଯେଉଁମାନେ କି ଆର୍ଥିକ ଦୃଷ୍ଟିରୁ ଅତ୍ୟନ୍ତ ଗରିବ, ଯାହାଦ୍ୱାରା ସେମାନଙ୍କ ମାମଲାରେ ଓକିଲ ଦେଇ କେସ ଲଢ଼ିବା ଅତ୍ୟନ୍ତ କଷ୍ଟକର । ଯାହାଦ୍ୱାରା ଅଦାଲତରେ ମାମଲା ପରିଚାଳନା ପ୍ରସଙ୍ଗରେ ନିଜ ତରଫରୁ ଓକିଲ ଦେଇନପାରି ଦୀର୍ଘଦିନ ଧରି ଜେଲରେ ରହିବା ପାଇଁ ବାଧ୍ୟ ହେଉଛନ୍ତି । ଏଠାରେ ସୂଚନାଥାଉକି ଏହି ବର୍ଗର ଲୋକମାନଙ୍କ ପାଇଁ ବିଶେଷକରି ଯେଉଁମାନେ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ସେମାନେ କିପରି ମାଗଣାରେ ଆଇନ ସହାୟତା ପାଇପାରିବେ ତାହା ପାଇଁ ସରକାର ୧୯୮୭ରେ ଏକ ବିଧିବଦ୍ଧ ଆଇନ ପ୍ରଣୟନ କରି ଆଇନ ସେବା ପ୍ରାଧିକରଣ ବା ଲିଗାଲ ସର୍ଭିସ ଅଥରିଟିର ବ୍ୟବସ୍ଥା କରିଛନ୍ତି । ଏହି ଆଇନରେ ବିଶେଷକରି ଧାରା ୧୨ ଅନୁସାରେ ଉଲ୍ଲେଖ ରହିଛି ଯେ ଗରିବ ଶ୍ରେଣୀର ମହିଳା, ଅନୁସୂଚୀତ ଜାତି ଓ ଜନଜାତି ବର୍ଗର ଲୋକମାନେ ଏହି ସୁବିଧା ପାଇବା ପାଇଁ ହକଦାର । ଯାହାପାଇଁ ପ୍ରତି ଜିଲ୍ଲା ଓ କୋର୍ଟରେ ନ୍ୟାୟିକ ପ୍ରାଧିକରଣର ବ୍ୟବସ୍ଥା ରହିଛି । ସେଠାରେ ଥିବା ସେମାନଙ୍କ ପାଇଁ ଓକିଲ ତାଙ୍କ ମାମଲା ପରିଚାଳନା କରି ସେମାନଙ୍କୁ ଆଇନଗତ ସହାୟତା ଦେବେ । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ପ୍ରସଙ୍ଗରେ ଅନେକ ଲୋକ ସଚେତନ ନଥିବାରୁ କଏଦୀମାନେ ଏହାର ସୁବିଧାରୁ ବଞ୍ଚିତ ହେଉଛନ୍ତି । କାରଣ ରାଜ୍ୟର ବିଭିନ୍ନ ଜେଲରେ ବିଚାରାଧୀନ କଏଦୀଙ୍କ ଭିତରେ ଅଧିକାଂଶ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ଏବଂ ଅନେକ ଅଶିକ୍ଷିତ ରହିଥିବାରୁ ଏହି ସୁବିଧା ପ୍ରସଙ୍ଗରେ ସେମାନେ ଜାଣି ପାରୁନାହାଁନ୍ତି ।

ଗତ ଡିସେମ୍ବର ୨୦୨୩ ସୁଦ୍ଧା ମୋଟ ୧୫୫ଜଣ ବିଚାରାଧୀନ ବନ୍ଦୀ ଜାମିନ ପାଇଥିବା ସତ୍ତ୍ୱେ ସେମାନେ କିନ୍ତୁ ଜେଲରୁ ମୁକୁଳିବାକୁ ସକ୍ଷମ ହୋଇପାରିନଥିଲେ । ୧୫୫ଜଣଙ୍କ ଭିତରୁ ଯଦିଓ ୧୨୨ ଜଣ ବନ୍ଦୀ ପରବର୍ତ୍ତୀ ସମୟରେ ଜାମିନ ପାଇ ମୁକୁଳିଥିଲେ କିନ୍ତୁ ଅନ୍ୟ ୩୩ ଜଣ ବନ୍ଦୀ ଜାମିନ ମଞ୍ଜୁର ହେବା ପରେ ବି ଜେଲରେ ରହିଛନ୍ତି । ଏଥିପାଇଁ ଆବଶ୍ୟକ ହେଉଥିବା, ଜାମିନ ପାଇଁ ଧାର୍ଯ୍ୟ ସର୍ତ୍ତ ପୂରଣ ନକରି ପାରିବା ଓ ଅନ୍ୟାନ୍ୟ ଆଇନଗତ କାରଣରୁ ଏହି ବନ୍ଦୀମାନେ ଜାମିନ ପାଇଥିବା ସତ୍ତ୍ୱେ ବି ମୁକୁଳିବାକୁ କିନ୍ତୁ ସକ୍ଷମ ହୋଇପାରିନାହାଁନ୍ତି । ତେଣୁ ଏହି ପ୍ରସଙ୍ଗକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ମାନ୍ୟବର ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାପରେ ଏବେ ଏହି ୩୩ଜଣ ବନ୍ଦୀ ଜେଲରୁ ମୁକୁଳିବାର ସମ୍ଭାବନା ସୃଷ୍ଟି ହୋଇଛି । ୨୦୧୮-୧୯ ଆର୍ଥିକ ବର୍ଷରେ ଓଡ଼ିଶାରେ ୩୫୯୦ ଜଣ ମହିଳା ଏହି ମାଗଣା ଆଇନ ସେବାର ସୁଯୋଗ ନେଇଥିବାବେଳେ ୯୫୮ ଜଣ ଅନୁସୂଚୀତ ଜାତି ଓ ୬୨୧ଜଣ ଅନୁସୂଚୀତ ଜନଜାତି ବର୍ଗର ଲୋକ ଏହି ସୁବିଧା ପାଇବାରେ ସକ୍ଷମ ହୋଇଛନ୍ତି । ସେହିପରି ୨୦୧୯-୨୦ ବର୍ଷରେ ୨୬୩୯ଜଣ ମହିଳା ଓ ୭୦୨ ଏସଟି, ୫୯୨ ଏସସି ବର୍ଗର ଲୋକ ଏହି ସେବା ସୁବିଧା ପାଇଛନ୍ତି । ୨୦୨୦-୨୧ରେ ୧୬୮୯ ଜଣ ମହିଳା ଏହି ମାଗଣା ଆଇନ ସେବାର ସୁଯୋଗ ପାଇଥିବାବେଳେ ୬୬୨ ଜଣ ଏସସି, ୪୧୪ ଜଣ ଏସଟି ବର୍ଗର ଲୋକ ଏହି ସୁବିଧା ପାଇଛନ୍ତି । ୨୦୨୦-୨୧ରେ ୯୩୯ ଜଣ ମହିଳା, ୮୫୧ ଏସସି ଓ ୫୫୨ଜଣ ଏସଟି ବର୍ଗର ଏହି ସେବା ପାଇଛନ୍ତି । ସେହିପରି ୨୦୨୩-୨୪ରେ ୮୦୦ ଜଣ ମାଗଣା ଆଇନ ସେବା ପାଇଛନ୍ତି ।

ସରକାରଙ୍କ ତରଫରୁ ରହିଥିବା ଆଇନଗତ ବିଧି ବ୍ୟବସ୍ଥା ଅନୁଯାୟୀ ପ୍ରତି ଜିଲ୍ଲା ଓ କୋର୍ଟରେ ଆଇନଗତ ସେବା ପାଇଁ ଓକିଲ ନିଯୁକ୍ତ ହୋଇଛନ୍ତି । ଏହି ଓକିଲମାନେ ଓଡ଼ିଶାର ବିଭିନ୍ନ ଥାନାକୁ ଗସ୍ତ କରି ଆର୍ଥିକ ଅନଗ୍ରସର ହୋଇଥିବାରୁ ଓକିଲ ଦେଇ ପାରୁନଥିବା ଲୋକମାନଙ୍କୁ ଚିହ୍ନଟ କରି ମାଗଣା ଆଇନସେବା ଯୋଗାଇବାର ବ୍ୟବସ୍ଥା ହୋଇଛି । କେବଳ ସେତିକି ନୁହେଁ ସେମାନେ ଜେଲ ପରିଦର୍ଶନ କରି ମାଗଣା ଆଇନ ସେବାରେ ନିଯୁକ୍ତ ହୋଇଥିବା ଓକିଲମାନେ କଏଦୀ ଚିହ୍ନଟ କରି ସେମାନଙ୍କୁ ଆଇନ ସେବା ଯୋଗାଇବାର ମଧ୍ୟ ବ୍ୟବସ୍ଥା ଅଛି । ଏହି ସୁବିଧା ଅନୁଯାୟୀ ଜଣେ କଏଦୀ ମଧ୍ୟ ପରିବାର ସଦସ୍ୟଙ୍କ ସହ ଏହି ଓକିଲମାନଙ୍କ ସହ ଯୋଗାଯୋଗ କରି ମାଗଣା ଆଇନ ସେବା ପାଇପାରିବେ । ସେହିପରି ଯେଉଁ କଏଦୀ ମାନେ ଜେଲରେ ରହିଛନ୍ତି ସେମାନେ ମଧ୍ୟ ସେମାନଙ୍କ ଜେଲ ଅଧୀକ୍ଷକଙ୍କ ଜରିଆରେ ଏହି ମାଗଣା ଆଇନ ସେବା ପାଇବାର ବ୍ୟବସ୍ଥା ଅଛି । ଏହି ସେବା ଯୋଗାଇବା ପାଇଁ ସରକାର ଓକିଲ ମାନଙ୍କୁ ପାରିଶ୍ରମିକ ଦେବାର ବ୍ୟବସ୍ଥା ଅଛି । କିନ୍ତୁ ଅନେକ ଗରିବ ଶ୍ରେଣୀର କଏଦୀ ଏ ସମ୍ପର୍କରେ ଜାଣି ନଥିବାରୁ ସେମାନେ ଏହାର ସୁଫଳ ନେଇପାରୁନାହାଁନ୍ତି ଯାହାଫଳରେ ଜେଲରେ କଏଦୀ ମାନଙ୍କ ଗହଳି ଦେଖିବାକୁ ମିଳିଥାଏ ଏବଂ ଅନେକ ଜେଲରେ ଏ ନେଇ ବିଶୃଙ୍ଖଳା ହେଉଥିବାର ଖବର ପ୍ରକାଶ ପାଏ । ଅନେକ କଏଦୀ ବା ଅଭିଯୁକ୍ତ ଏହି ଆଇନ ସେବା ସୁଯୋଗ ବିଷୟରେ ଜାଣି ନଥିବାରୁ ସେମାନଙ୍କୁ ଅବଗତ କରିବା ପାଇଁ ପ୍ରତି ଥାନା ବାହାରେ ଏକ ସୂଚନା ବୋର୍ଡ଼ ମାରିବା ପାଇଁ ମାନ୍ୟବର କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ସମସ୍ତ ଥାନାରେ ସହାୟତାକାରୀ ଆଇନଜୀବୀଙ୍କ ନାମ ସହ ସେମାନଙ୍କ ଫୋନ ନମ୍ବର ମଧ୍ୟ ଉଲ୍ଲେଖ କରାଯିବାର ବ୍ୟବସ୍ଥା କରାଯାଇଛି । ଭାରତ ପରି ଏକ ବିଶ୍ୱର ସର୍ବବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ରରେ ଅର୍ଥ ଅଭାବରୁ ଏବଂ ସଚେତନତା ଅଭାବରୁ ଜଣେ କଏଦୀ ତା ମୌଳିକ ଅଧିକାରରୁ ବଞ୍ଚିତ ହେବା ଓ ଆଇନଗତ ସୁବିଧା ନ ପାଇ ବର୍ଷ ବର୍ଷ ଧରି ଜେଲରେ ସଢ଼ିବା ଅତ୍ୟନ୍ତ ଦୁଃଖଦାୟକ । ତେଣୁ ଏ କ୍ଷେତ୍ରରେ ଆମ ସମସ୍ତଙ୍କର ସଚେତନଧର୍ମୀ ଗୁରୁଦାୟିତ୍ୱ ରହିଛି । ନ୍ୟାୟିକ ସେବା ପ୍ରାଧିକରଣରେ ଅନେକ ଗରିବ ଶ୍ରେଣୀର ଅଭିଯୁକ୍ତ ବା ବିଚାରାଧୀନ କଏଦୀମାନେ ଏହି ସୁଯୋଗ ପାଇବା ନିଶ୍ଚିନ୍ତ ଭାବେ ସେମାନଙ୍କ ପାଇଁ ବରଦାନ । ସେମାନେ ଜେଲରୁ ମୁକୁଳିଲେ ହୁଏତ ସେମାନଙ୍କର ନୂଆ ଜୀବନ ସେମାନଙ୍କ ଗତିପଥକୁ ଏକ ଭଲ ରାସ୍ତାରେ ନେଇ ପାରିବାର ସମ୍ଭାବନା ମଧ୍ୟ ସୃଷ୍ଟି କରିପାରିବ ।

## ବିଦ୍ୟାଳୟ ଫେରିବେ ଡ୍ରପ ଆଉଟ ଛାତ୍ରଛାତ୍ରୀ

**ଯଶସ୍ୱିନୀ ପଟ୍ଟନାୟକ**

ପିଲାମାନେ ପ୍ରବଳ ଗ୍ରୀଷ୍ମ ହେଉଛି, ସ୍କୁଲ ତ ଛୁଟି ଘୋଷଣା ହୋଇଗଲାଣି । ହଁ, ଏହା ଭିତରେ ତୁମ ପାଇଁ ଏକ ଭଲ ଖବର ଅଛି । ଆମ ରାଜ୍ୟରେ ବିଭିନ୍ନ କାରଣରୁ ଏବେ ବି ହଜାର ହଜାର ଛାତ୍ରଛାତ୍ରୀ ପାଠପଢ଼ା ମଝିରୁ ବସ୍ତାନିରେ ଡୋରି ବାନ୍ଧି ଦେଉଛନ୍ତି । ସରକାର ପାଠପଢ଼ା ପାଇଁ ବହି, ଖାତା, ଭୋଜନ କାର୍ଯ୍ୟକ୍ରମ ଓ ଆନୁସଙ୍ଗିକ ସହାୟତା ବାବଦ ଅନେକ ଖର୍ଚ୍ଚ କରୁଥିଲେ ବି ଅଧାରୁ ପାଠପଢ଼ା ଛାଡୁଥିବା ପିଲାମାନଙ୍କୁ ପୁଣିଥରେ ଶିକ୍ଷା ବାତାବରଣ ଭିତରକୁ ଫେରାଇ ସେମାନଙ୍କୁ ଶିକ୍ଷା ସ୍ରୋତରେ ସାମିଲ କରିବା ପାଇଁ ସୁନ୍ଦର ଯୋଜନାଟି ହାତକୁ ନେଇଛନ୍ତି ।

ସରକାରଙ୍କ ନୂଆ ବ୍ୟବସ୍ଥା ଅନୁଯାୟୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ୍ରପ୍ ଆଉଟ୍ ହୋଇଥିବା ପିଲାମାନଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବାପାଇଁ ପୁନର୍ବାର ସେମାନଙ୍କ ନାମ ପଞ୍ଜିକରଣ ପାଇଁ ସେମାନଙ୍କ ଅଭିଭାବକଙ୍କୁ ବୁଝାଇବା ଦାୟିତ୍ୱ ନେବେ । କେବଳ ସେତିକି ନୁହଁ, ପିଲାଙ୍କୁ ସ୍କୁଲକୁ ପୁଣି ଥରେ ଫେରାଇ ଆଣିବାକୁ ପ୍ରଧାନଶିକ୍ଷକ ପିଲା ଚିହ୍ନଟ କରିବା ପରେ ଦରକାର ପଡ଼ିଲେ ସେମାନଙ୍କୁ କାଉନସେଲିଂ କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରକାଶ ପାଇଛି । ସରକାରଙ୍କ ଏହି ସୂଚନା ଅନୁଯାୟୀ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଷ୍ଟମଶ୍ରେଣୀରୁ ସମ୍ପୂର୍ଣ୍ଣ ଭାବେ ନାମଲେଖା ତଥ୍ୟକୁ ଟ୍ରାକ୍ କରିବ । ସେହିପରି ଅଷ୍ଟମ ପରେ ନବମ ଶ୍ରେଣୀରେ କେତେ ଜଣ ପିଲା ନାମ ଲେଖାଇଲେ ସେ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ତଥ୍ୟ ମଧ୍ୟ ବିଭାଗ ରଖିବ । ଏହା ସହ ଦଶମଶ୍ରେଣୀରେ ମଧ୍ୟ ସମାନ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ । ପିଲାମାନେ ବିଦ୍ୟାଳୟରେ ନାମ ଲେଖାଇବା ପରେ କାହିଁକି ବିଦ୍ୟାଳୟକୁ ଆସୁନାହାନ୍ତି ଏହା ଉପରେ ପ୍ରଧାନଶିକ୍ଷକ ତର୍ଜମା କରିବା ସହ ସେମାନଙ୍କ ଅଭିଭାବକଙ୍କ ସହାୟତା ନେବେ । ଦିନକୁ ଦିନ ରାଜ୍ୟରେ ଡ୍ରପ୍ ଆଉଟ୍ ସଂଖ୍ୟା ହ୍ରାସ ପାଉଥିବାରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏପରି ଏକ ଯୋଜନାବଦ୍ଧ ଅଭିନୟ ସୁନ୍ଦର ପ୍ରୟାସ ଆରମ୍ଭ ହୋଇଛି । ପ୍ରଧାନଶିକ୍ଷକ ବ୍ୟକ୍ତିଗତ ଭାବେ ଅଭିଭାବକମାନଙ୍କୁ କାଉନସେଲିଂ କରି ପାଠ ଛାଡୁଥିବା ପିଲାଙ୍କ ଘରକୁ ଯାଇ ଏହାର କାରଣ ଖୋଜିବା ସହ ଏହାର ନିରାକରଣ ପାଇଁ ପ୍ରୟାସ କରିବେ ।

ରାଜ୍ୟର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ତଥ୍ୟ ଅନୁଯାୟୀ ରାଜ୍ୟରେ ୨୦୧୮-୧୯ ମସିହାରେ ୧୨.୮% ଡ୍ରପ୍ ଆଉଟ୍ ହୋଇଥିବା ବେଳେ ୨୦୧୯-୨୦ ମସିହାରେ ୩୮.୩୫% ରହିଥିଲା । ସେହିପରି ୨୦୨୦-୨୧ ମସିହାରେ ୩୯.୪% ଓ ୨୦୨୧-୨୨ ମସିହାରେ ଏହା ୪୯.୯% ରହିଥିଲା । ସେହିପରି ସରକାର ଚଳିତ ଶିକ୍ଷାବର୍ଷ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଛନ୍ତି । ତେବେ ଡ୍ରପ୍ ଆଉଟ୍ ଛାତ୍ରଛାତ୍ରୀମାନେ ପୁନର୍ବାର ବିଦ୍ୟାଳୟର ଶୈକ୍ଷିକ ବାତାବରଣରେ ନିଜକୁ ମିଶାଇବା ପରେ ସେମାନେ ବିଦ୍ୟାର ଗୁରୁତ୍ୱକୁ ମୂଲ୍ୟାୟନ କରିବାରେ ସମର୍ଥ ହୋଇପାରିବେ । ଆର୍ଥିକ ଅନଗ୍ରସରତା, ଶାରୀରିକ ବ୍ୟାଧି, ଯୋଗାଯୋଗର ଅସୁବିଧା ଏହିପରି ବିଭିନ୍ନ କାରଣ ପାଇଁ ପ୍ରାୟତଃ ପିଲାମାନେ ବିଦ୍ୟାଳୟ ଛାଡ଼ିଥାନ୍ତି । ସେହିପରି ଆଦିବାସୀ ଅଞ୍ଚଳରେ କେତେକ ସ୍ଥାନରେ ବାଲ୍ୟବିବାହ ଓ ଦାଦନ ସମସ୍ୟା ପାଇଁ ପିଲାମାନେ ବିଦ୍ୟାଳୟ ଛାଡୁଥିବାର ଖବର ମଧ୍ୟ ପ୍ରକାଶ ପାଏ । ତେବେ ରାଜ୍ୟର ଲୋକପ୍ରିୟ ସରକାରଙ୍କ ଏହି ନିଷ୍ପତ୍ତିକୁ କେବଳ ଅଭିଭାବକ ମହଲ ନୁହଁ ରାଜ୍ୟର ଶିକ୍ଷାବିତମାନେ ଅତ୍ୟନ୍ତ ଆନନ୍ଦ ବ୍ୟକ୍ତ କରିଛନ୍ତି । ପିଲାମାନେ ତୁମେ ଜାଣିଛ କଥାରେ ଅଛି -"ବିଦ୍ୟା ଅଟଇ ମହାଧନ, ବାଳକେ କରଇ ଉପାର୍ଜନ" । ବିଦ୍ୟାଠାରୁ ବଡ଼ ସମ୍ପତ୍ତି ଆଉ କିଛି ନାହିଁ । ଆମ ସମାଜରେ ଏବେ ବି ବଣମଲ୍ଲି ପରି ଅନେକ ପ୍ରତିଭାବାନ୍ ପିଲାମାନେ ରହିଛନ୍ତି । ଯେଉଁମାନେ ଆର୍ଥିକ ଅସଚ୍ଛଳତା ଓ ସହଯୋଗର ଅଭାବରୁ ପାଠ ଦୁଇ ଅକ୍ଷର କେବଳ ଯେ ପଢ଼ିବାକୁ ସମର୍ଥ ହେଉନାହାନ୍ତି ବରଂ ସେମାନଙ୍କ ଭିତରେ ଅନେକ ସ୍ୱତନ୍ତ୍ର ଗୁଣ ଓ ଶିକ୍ଷା ମହକ ବାହାରକୁ ପରିସ୍ଫୁଟିତ ହୋଇପାରିନଥାଏ । ଏପରି ପ୍ରତିଭାବାନ୍‌ମାନେ ଆମ ସମାଜରେ ବିଶେଷକରି ଶିକ୍ଷାକ୍ଷେତ୍ରରେ ସମୁଜ୍ଜଳ ଭବିଷ୍ୟତ । ଏ କ୍ଷେତ୍ରରେ କେବଳ ସରକାରଙ୍କୁ ଦାୟିତ୍ୱ ଦେଲେ ଚଳିବ ନାହିଁ । ଆମ ସମସ୍ତଙ୍କର ମଧ୍ୟ ଗୁରୁ ଦାୟିତ୍ୱ ରହିଛି । ତୁମେମାନେ ଟିକେ ଚିନ୍ତା କରୁ ନା, ତୁମର ଯେଉଁ ସାଙ୍ଗସାଥୀ ବା ବିଦ୍ୟାଳୟର ସାନଭାଇଟି କିମ୍ବା ବଡ଼ଭାଇ ଜଣେ କୌଣସି କାରଣବଶତଃ ବିଦ୍ୟାଳୟ ଛାଡ଼ି ଚାଲିଯାଇଛନ୍ତି, ତୁମେ କ'ଣ ସେମାନଙ୍କୁ କେବେ ମନେ ପକାଉନଥାଅ ? ସେମାନେ ପୁଣିଥରେ ବିଦ୍ୟାଳୟକୁ ଫେରିଲେ ତୁମେମାନେ ବି ନିଶ୍ଚିନ୍ତ ଖୁସି ହେବ । ଏ ଦୁନିଆରେ ବନ୍ଧୁତ୍ୱ ଆଉ ଶ୍ରେଣୀ ସହାଧ୍ୟାୟୀଙ୍କ ସ୍ନେହ ହେଉଛି ସବୁଠାରୁ ମୂଲ୍ୟବାନ ସମ୍ପତ୍ତି । ତେଣୁ ତୁମେମାନେ ମଧ୍ୟ ଏହାକୁ କେବଳ ସରକାରଙ୍କ ଘୋଷଣା ନୁହଁ, ତୁମର ଏକ ନୈତିକ ଦାୟିତ୍ୱ ଭାବେ ଗୁଣ୍ଡୁଚିମୂଷା ପରି ସରକାରଙ୍କ ଏକ ଯୁଗାନ୍ତକାରୀ ଶିକ୍ଷା ବ୍ୟବସ୍ଥା ପାଇଁ କିଛିଟା ସହାୟତା କରିପାରିଲେ ତୁମେ ବି ଏ ସମାଜରେ ଦିନେ ନା ଦିନେ ନିଶ୍ଚିନ୍ତ ବଡ଼ ମଣିଷ ହୋଇପାରିବ ! ଜୀବନରେ ଯେକୌଣସି ପରିସ୍ଥିତିରେ କାହାକୁ ସାହାଯ୍ୟ କରିଥିଲେ ଭଗବାନ ତମକୁ ନିଶ୍ଚିନ୍ତ ସାହାଯ୍ୟ କରିବେ । ତୁମେମାନେ ପୁଣିଥରେ ହସଖୁସିରେ ବିଦ୍ୟାଳୟର ଗୌରବ ବଢ଼ାଇବ ଆଉ ତୁମମାନଙ୍କ ପରି କୁନି କୁନି ଫୁଲମାନେ ହିଁ ଆମ ବିଦ୍ୟାଳୟର ଅସଲ ସୌନ୍ଦର୍ଯ୍ୟ ଓ ସୌରଭ । ତୁମମାନଙ୍କ ପାଇଁ ମୋର ଅନେକ ଅନେକ ଶୁଭକାମନା ।

## ଓଡିଆ ସାହିତ୍ୟର ମହାନାୟକ - ମନୋଜ ଦାସ

**ଅକ୍ଷୟ କୁମାର ରାଉତ**

ସାହିତ୍ୟ ସତ୍ୟ-ଶିବ-ସୁନ୍ଦର କଥା କହେ । ସାହିତ୍ୟ ଗୋଟିଏ ଦେଶ, ଜାତି ଓ ସମାଜର କଥା କହେ । ମଣିଷଙ୍କୁ ଅସତ୍ ପଥରୁ ସତ୍‌ପଥକୁ, ଅନ୍ଧାରରୁ ଆଲୋକକୁ, ଅନୀତି କାର୍ଯ୍ୟରୁ ନୀତି ଓ ଆଦର୍ଶକୁ, ଅବାଟରୁ ବାଟକୁ, ଅବିଦ୍ୟାରୁ ବିଦ୍ୟାକୁ, ବିଶୃଙ୍ଖଳାରୁ ଶୃଙ୍ଖଳାକୁ, ଅସୁନ୍ଦରରୁ ସୁନ୍ଦର ଆଡକୁ ନେବାରେ କାଳଜୟୀ ସ୍ରଷ୍ଟା ତାର ସାହିତ୍ୟ ମାଧ୍ୟମରେ ସଫଳ ହୁଏ । ମାଟି ମା' ଓ ମାନବିକ ମୂଲ୍ୟବୋଧର ଭାବ ଭାଷା ଶବ୍ଦ ଏବଂ ଶୈଳୀକୁ କଲମ ମୁନରେ ଯିଏ ସମ୍ମାନ ଦିଏ, ସେ ହେଉଛନ୍ତି ଆନ୍ତର୍ଜାତିକ ଲେଖକ, କଥାକାର, ସାଧକ ପଦ୍ମଭୂଷଣ ମନୋଜ ଦାସ । ଭାରତୀୟ କଥା ସାହିତ୍ୟର ନାୟକ ୧୯୩୪ ମସିହା ଫେବୃଆରୀ ମାସ ୨୭ ତାରିଖରେ ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ୍ ଶଙ୍ଖାରୀ ଗ୍ରାମରେ ପିତା ମଧୁସୂଦନ ଦାସ ଓ ମାତା କାଦମ୍ବିନୀ ଦେବୀଙ୍କ କୋଳମଣ୍ଡନ କରିଥିଲେ । ତାଙ୍କ ଜ୍ୟେଷ୍ଠ ଭାଇଙ୍କ ନାମ ଥିଲା ଐତିହାସିକ ଡ.ଃ ମନ୍ମଥନାଥ ଦାସ । ତାଙ୍କ ତିନି ଭଉଣୀଙ୍କ ନାମ ସୁରବାଳା, ସ୍ନେହବାଳା ଓ ଶାନ୍ତିବାଳା ଥିଲା ।

ନିଜ ଗାଁ ଶଙ୍ଖାରୀ ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ତାଙ୍କର ଖଡିଛୁଆଁ ହୋଇଥିଲା । ଜମାଳପୁରସ୍ଥିତ ବିଶ୍ୱନାଥ ଏକାଡେମୀ, ଜଳେଶ୍ୱରପୁର ହାଇସ୍କୁଲ ଓ ବାଲେଶ୍ୱର ଜିଲ୍ଲା ହାଇସ୍କୁଲରୁ ପାଠପଢ଼ା ଶେଷକରି ୧୯୫୧ ମସିହାରେ ମାଟ୍ରିକ ପାସ୍ କରିଥିଲେ । ପାଠ ପଢ଼ିବା ସମୟରେ ସେ ତାଙ୍କର ବଡଭାଇ ମନ୍ମଥନାଥ ଦାସଙ୍କ ସାଙ୍ଗରେ ଯେଉଁ ଭଡାଘରେ ରହୁଥିଲେ ସେ ଘରଟି ଥିଲା କଥାସାହିତ୍ୟର ସମ୍ରାଟ ଫକୀର ମୋହନଙ୍କର । ସେ ଫକୀରମୋହନ ମହାବିଦ୍ୟାଳୟରୁ ଇଣ୍ଟର ମିଡିଏଟ୍ ପାସ୍ କରିଥିଲେ । ୧୯୫୩-୫୪ ମସିହାରେ ସେ ଏଫ୍.ଏମ୍.କଲେଜ ଛାତ୍ର ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ନିଖିଳ ଉତ୍କଳ ଛାତ୍ର ସଂଘର ସମ୍ପାଦକ ଭାବେ ସେ ନିର୍ବାଚିତ ହୋଇଥିଲେ । ୧୯୫୬ ମସିହାରେ ସେ ସାମନ୍ତ ଚନ୍ଦ୍ରଶେଖର କଲେଜରୁ ବି.ଏ. ପାସ୍ କରିଥିଲେ । ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ସ୍ନାତକ ପାସ୍ କରିଥିଲେ । ସେ ମଧ୍ୟ ଆଇନ କଲେଜ୍ ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ଇଣ୍ଡୋନେସିଆଠାରେ ଅନୁଷ୍ଠିତ ଏସିଆ-ଆଫ୍ରିକା ଛାତ୍ର ସମ୍ମିଳନୀରେ ସେ ଭାରତୀୟ ଛାତ୍ର ସମାଜର ପ୍ରତିନିଧି ଭାବେ ଯୋଗଦେଇଥିଲେ । ୧୯୫୯ ମସିହାରେ ରେଭେନ୍ସା କଲେଜରୁ ଇଂରାଜୀ ଭାଷା ସାହିତ୍ୟରେ ସ୍ନାତକୋତର ପାସ୍ କରି କଟକର ଖ୍ରୀଷ୍ଟ କଲେଜରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ ।

କୁଜଙ୍ଗ ରାଜ୍ୟର ରାଜକନ୍ୟା ରତ୍ନମାଳି ଜେମା ଓ କୁଜଙ୍ଗ ଗାନ୍ଧି, ପୂର୍ବତନ ଉପବାଚସ୍ପତି ନାରାୟଣ ବୀରବର ସାମନ୍ତଙ୍କ ଜ୍ୟେଷ୍ଠ କନ୍ୟା ପ୍ରତିଜ୍ଞା ଦେବୀଙ୍କ ସହ ମନୋଜ ଦାସଙ୍କ ୧୯୫୯ ମିସିହାରେ ବିବାହ ହୋଇଥିଲା । ୧୯୬୩ ମସିହାରେ ସେ ଶ୍ରୀ ଅରବିନ୍ଦ ଓ ଶ୍ରୀମାଙ୍କ ଦର୍ଶନ ପ୍ରତି ଆକୃଷ୍ଟ ହୋଇ ପଣ୍ଡିଚେରୀର ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ । ଶେଷ ପର୍ଯ୍ୟନ୍ତ ସେ ଶ୍ରୀଅରବିନ୍ଦଙ୍କ ଆଶ୍ରମରେ ରହିଥିଲେ । ପିଲାଦିନୁ ତାଙ୍କ ମା କାଦମ୍ବିନୀ ଦେବୀଙ୍କ ପ୍ରଭାବ ତାଙ୍କ ଉପରେ ପଡିଥିଲା । ସେଥିପାଇଁ ସେ ସାହିତ୍ୟ ଆଡକୁ ମନ ବଳାଇଥିଲେ । ପରେ ସେ ଫକୀର ମୋହନଙ୍କ କୋଠାରେ ରହି ପଢ଼ିବା ଯୋଗୁ ତାଙ୍କର ଲେଖନୀ ଚାଳନା ସମସ୍ତଙ୍କୁ ବିସ୍ମିତ କରିଥିଲା । ଛୋଟ ଅବସ୍ଥାରୁ ସେ ହାରମୋନିୟମ ଧରି ଗୀତ ଗାଇବା ସହିତ ବଂଶୀବାଦନ କରୁଥିଲେ । ସେ ନିଜେ ସଙ୍ଗୀତ ନିର୍ଦ୍ଦେଶନା ଦେଉଥିଲେ । ସ୍କୁଲରେ ପଢ଼ିବା ସମୟରୁ ସେ ମାର୍କସବାଦ ପ୍ରତି ଆକୃଷ୍ଟ ହୋଇଥିଲେ । ଜଣେ ବିପ୍ଳବୀ ଛାତ୍ର ନେତା ଭାବରେ ୧୯୫୫ ମସିହାରେ ସେ କାରାବରଣ କରିଥିଲେ । ମନୋଜ ଦାସ ବିଶ୍ୱ କଥା ସାହିତ୍ୟର ଜଣେ ନାୟକ । ତାଙ୍କ କବିତା ଓ ପ୍ରବନ୍ଧ ଗଭୀର ଆତ୍ମିକ ଅନ୍ୱେଷାବୋଧ ଏବଂ ଛାନ୍ଦମୟ । ଉପନ୍ୟାସରେ ସମାଜର ସବୁ ଦିଗନ୍ତ ଓ ପରିଧିର ଭାବକୁ ରୂପାୟନ କରି ସମସ୍ତ ପାଠକ ମହଲରେ ସେ ବିଜୟ ଲାଭ କରିଛନ୍ତି ହୃଦୟର ଭଲ ପାଇବା । ଏହି ସାହିତ୍ୟ ସନ୍ନ୍ୟାସୀ ବହୁ ଉପନ୍ୟାସ, କ୍ଷୁଦ୍ରଗଳ୍ପ, ଭ୍ରମଣ କାହାଣୀ, କବିତା ଓ ଇତିହାସ ସଂସ୍କୃତି ରଚନା କରି ପ୍ରଜ୍ଞାପୁରୁଷ ଭାବେ ସାମଜରେ ପ୍ରଶଂସିତ ହୋଇଛନ୍ତି । ଉପନ୍ୟା ଗୁଡିକହେଲା - ଗୋଧୂଳିର ବାଘ (୧୯୯୫), ବୁଲଡୋଜର୍ସ (୧୯୮୯), ଅମୃତ ଫଳ (୧୯୯୭), ଆକାଶର ଇସାରା (୧୯୯୭), ଚନ୍ଦ୍ରାଲୋକର ପ୍ରହରୀ (୨୦୦୦), ଦ ଏସ୍କେପିଷ୍ଟ, ଏ ଟାଇଗର ଆଟ୍ ଟ୍ୱିଲାଇଟ୍, କନକ ଉପତ୍ୟକାର କାହାଣୀ, ଶେଷ ତାନ୍ତ୍ରିକର ସନ୍ଧାନରେ । ଗଳ୍ପ ସଙ୍କଳନ ସମୁଦ୍ରର କ୍ଷୁଧା (୧୯୫୨), ଜୀବନର ସ୍ୱାଦ (୧୯୫୩), ବିଷକନ୍ୟାର କାହାଣୀ (୧୯୫୪), ଆରଣ୍ୟକ (୧୯୭୦), ଶେଷ ବସନ୍ତର ଚିଠି (୧୯୬୫), ମନୋଜ ଦାସଙ୍କ କଥା ଓ କାହାଣୀ (୧୯୭୧), ଲକ୍ଷ୍ମୀର ଅଭିସାର (୧୯୭୪), ଆବୁ ପୁରୁଷଓ ଅନ୍ୟାନ୍ୟ କାହାଣୀ (୧୯୭୭), ମନୋଜ ପଂଚବିଂଶତି (୧୯୮୩), ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ (୧୯୮୭), ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ (୧୯୯୦), ଅବୋଲକରା କାହାଣୀ (୧୯୯୧), ମନୋଜ ଦାସଙ୍କ ଗଳ୍ପ (୧୯୯୨), ସମୁଦ୍ରକୂଳର ଏକ ଗ୍ରାମ । ଭ୍ରମଣ କାହାଣୀ - ଇନ୍ଦୋନେସିଆ ଅନୁଭୂତି (୧୯୫୭), ଦୂର ଦୂରାନ୍ତର (୧୯୭୩), ଅନ୍ତରଙ୍ଗ ଭାରତ; ପ୍ରଥମ ଭାଗ (୧୯୯୨), ଦ୍ୱିତୀୟ ଭାଗ (୧୯୯୬), କବିତା ସଙ୍କଳନ - ଶତାବ୍ଦୀର ଆର୍ତ୍ତନାଦ (୧୯୪୯), ବିପ୍ଳବୀ ଫକୀର ମୋହନ (୧୯୫୦) ପଦଧ୍ୱନି (୧୯୫୪), ନନ୍ଦାବତୀର ମାଝୀ (୧୯୫୭), ଉପନିବେଶ (୧୯୬୬) ତୁମ ଗାଁ ଓ ଅନ୍ୟାନ୍ୟ କବିତା (୧୯୯୨), ଏହିପରି ଅନେକ ସାହିତ୍ୟର ସ୍ରଷ୍ଟା ଭାବରେ ଶ୍ରଦ୍ଧା ଓ ସମ୍ମାନ ଅର୍ଜନ କରିଛନ୍ତି ତାହା ଆଉ କୌଣସି ଆଧୁନିକ ଓଡିଆ ଗଳ୍ପ ନାୟକଙ୍କ ପକ୍ଷରେ ସମ୍ଭବ ନୁହେଁ । ସାଧନା, ଚେଷ୍ଟା, ପରାକାଷ୍ଠା ଓ ନିପୁଣତା ଯୋଗୁ ଏହି ମହାନ୍ ସାରସ୍ୱତ ସାଧକ ଅନେକ ପୁରସ୍କାରର ଅଧିକାରୀ ହୋଇଥିଲେ । ମନୋଜ ଦାସ ଓଡିଶା ସାହିତ୍ୟ ଏକାଡେମୀ ଓ ଅତିବଡି ପୁରସ୍କାର ୧୯୭୨ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ, ୧୯୮୦ରେ ଶାରଳା ପୁରସ୍କାର, ୨୦୦୧ ମସିହାରେ ପଦ୍ମଶ୍ରୀ ଓ ୨୦୨୦ରେ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ । ସେ ତାଙ୍କର ଉପନ୍ୟାସ ଅମୃତ ଫଳ ପାଇଁ ସରସ୍ୱତୀ ସମ୍ମାନ ଲାଭ କରିଥିଲେ ।

ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଲେଖକ ବିଶିଷ୍ଟ କଥାକାର, ସାଧକ, ପଦ୍ମଭୂଷଣ ମନୋଜ ଦାସ ୮୭ ବର୍ଷ ବୟସରେ ୨୦୨୧ ମସିହା ଏପ୍ରିଲ୍ ୨୭ ତାରିଖ ମଙ୍ଗଳବାର ଦିନ ଶ୍ରୀ ଅରବିନ୍ଦ ଆଶ୍ରମ ନର୍ସିଂହୋମ୍‌ରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କ ଆବର୍ତ୍ତମାନରେ ଭାରତୀୟ ସାହିତ୍ୟ ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି । ଏହି ବିଶିଷ୍ଟ ସାହିତ୍ୟ ସାରଥି ଆମ୍ଭମାନଙ୍କ ମଧ୍ୟରେ ସର୍ବଦା ଅମର ହୋଇ ରହିବେ ।



— ଆମ ଠିକଣା —
ମାତୃଭାଷା, ସାର୍ଥକ ପ୍ୟାଲେସ୍, ପ୍ଲଟ୍ ନଂ-୧୫୭୦/୧୫୭୧, ସେକ୍ଟର-୬, ସିଡିଏ, କଟକ

## ହସ ଫୁଲ

ଜାଣିଛ କି ପିଲା ଫୁଲଟିଏ
ଦୁଇ ଓଠ ମଧ୍ୟେ ଶୋଭାପାଏ
ଯା ମୁହଁରେ ସଦା ଥାଏ ଏହି ଫୁଲ
କୁହ ତା ସାଙ୍ଗରେ ସରି କିଏ ।
ସିଏ ତ ଅଟଇ ହସ ଫୁଲ
ତା ସାଙ୍ଗରେ କିଏ ହେବ ତୁଲ
ମଧୁର କଥାରେ ଲୁଚିଥାଏ ସିଏ
ଜାଣିଛ ତୁମେ ତା କେତେ ଭଲ ।
ମୁହଁ ଆମ ଦରପଣ ଭଳି
ତାକୁ ଦେଖି ମନକଥା କଳି
ବ୍ୟବହାର ଅନ୍ୟେ ସେପରି କରନ୍ତି
ମନେ ଭରି ଭଲ ମନ୍ଦ ଥଳୀ ।
ସେ ମୁହଁରେ ଥିଲେ ଟିକେ ହସ
ସବୁରି ମନକୁ କରେ ବଶ
ପର ବି ସହଜେ ଆପଣାର ହୁଏ
ଦୂର କରି ସବୁ ରାଗ ରୋଷ ।
ହସ ହ୍ରାସ କରେ ମନ ଦୁଃଖ
ଉଜ୍ଜ୍ୱଳ ଦିଶେ ବି ଆମ ମୁଖ
ଟିକିଏ ମନ ଖୋଲା ହସ ହସିଲେ
ଲଭିବ ତୁମେ ଅପାର ସୁଖ ।
ସୂର୍ଯ୍ୟ ହସନ୍ତି ଢ଼ାଳିଣ କର
ଫୁଲ ହସେ ବାସ ଦେଇ ତାର
ପ୍ରକୃତି ହସୁଛି ଆମରି ହିତରେ
ହସରେ କୃପଣତା ନକର ।
ତୁମ ହସ ସ୍ନେହ ପ୍ରୀତି ଭରା
ନିଷ୍କପଟ ଅନାବିଳ ପରା
ତୁମେ ତ ହସିଲେ ଜଗତ ହସିବ
ଅମୃତମୟ ହେବ ଏ ଧରା ।

*ସୁଧାକର ରାଉତ*
*ପ୍ରତାପ ନଗରୀ, କଟକ*
*ମୋ-୮୨୪୯୯୩୨୭୯୨*

## ଖରାଦିନ ଛୁଟି ହେଲା



ଖରାଦିନ ଛୁଟି ହେଲା ସାଙ୍ଗମାନେ
ମାମୁଁଘର ଆସ ଯିବା
ଅଜାଆଈ ସାଥେ ମଜା ଗପକରି
ସମୟ କଟାଇ ଦେବା ।
ଖରାଦିନ ଛୁଟି ହେଲା ସାଙ୍ଗମାନେ
ସମୟ ମିଳିବ ଯେତେ
ଖାଇବା, ଖେଳିବା, ବୁଲିବା, ନାଚିବା
ମନଇଚ୍ଛା ଯିଏ ଯେତେ ।
ଖରାଦିନ ଛୁଟି ହେଲା ସାଙ୍ଗମାନେ
ପଢୁଥିବା ଗପ ବହି
ସାଙ୍ଗସାଥି ମେଳେ ଗପସପ ହେବା
ମିଠାମିଠା କଥା କହି ।
ଖରାଦିନ ଛୁଟି ହେଲା ସାଙ୍ଗମାନେ
ଖରାବେଳେ ଥିବା ଘର
ବାହାରେ କଦାପି ଭୁଲିବା ନାହିଁଟି
ଥିବ ଅଂଶୁଘାତ ଡ଼ର ।
ଖରାଦିନ ଛୁଟି ହେଲା ସାଙ୍ଗମାନେ
ପୋଖରୀରେ ପହଁରିବା
ଆମ୍ବତୋଟା ବୁଲି ଖୋପଡ଼ ମାରିକି
ଆମ୍ବ ଆମେ ଝଡ଼ାଇବା ।
ଖରାଦିନ ଛୁଟି ହେଲା ସାଙ୍ଗମାନେ
ପାଠକୁ ଭୁଲି ନ ଯିବା
ପଢାବହି ସାଥେ ଭାବ ବାନ୍ଧିଥିବା
ପାଠରେ ମନକୁ ଦେବା ।
ଖରାଦିନ ଛୁଟି ହେଲା ସାଙ୍ଗମାନେ
ମନ କରୁଥିବା ଖୁସି
ଘରେ କେତେବେଳେ ଅଝଟ କରିକି
କଦାପି ଯିବାନି ରୁଷି ।
ଖରାଦିନ ଛୁଟି ହେଲା ସାଙ୍ଗମାନେ
ରଜ ପର୍ବ ହେବାଯାଏ
ରଜ ପରେ ବିଦ୍ୟାଳୟ ଖୋଲିଯିବ
ଏକଥା ମନରେ ଥାଏ ।


*ନିରଞ୍ଜନ ସାହୁ*
*ନିହଲ ପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ- ୭୫୯୦୧୬*
*ମୋ-୯୯୩୮୭୪୧୫୮୩*



# ॥ କଇଁଛ-କେଉଟ-ସୁଦାମା ॥

**ସୁଧାଂଶୁ ଶେଖର ଦ୍ୱିବେଦୀ**

ଏ କାହାଣୀ ଗୋଟେ କଇଁଛର; ଯିଏ ପ୍ରଭୁଙ୍କ ଭକ୍ତିରେ ସମର୍ପିତ ହୋଇ ତାଙ୍କ ଚରଣ ସ୍ପର୍ଶ କରିବାକୁ ମନେ ମନେ ସ୍ଥିର କରିଥାଏ। ଦିନେ ସେ ପ୍ରଭୁଙ୍କର ଅପାର ମହିମା ଶୁଣି ତାଙ୍କ ଚରଣ ସ୍ପର୍ଶ କରିବାକୁ ବାହାରିଲା। ବନ୍ଧୁ, ପଡୋଶୀ, ସମ୍ପର୍କୀୟଙ୍କୁ ପ୍ରଭୁଙ୍କ ଠିକଣା ପଚାରିଲା। କେହି ଜଣେ ବି ତାଙ୍କ ଠିକଣା ଦେଇପାରିଲେ ନାହିଁ।ତଥାପି ସେ ଦିନରାତି ଏକାକାର କରି ପ୍ରଭୁଙ୍କ ସନ୍ଧାନରେ ନିମଗ୍ନ ଥାଏ। ହଠାତ୍ ରାସ୍ତା ମଧ୍ୟରେ ପ୍ରଭୁଙ୍କର ଜଣେ ପରମ ଭକ୍ତଙ୍କ ସହିତ ଦେଖାହେଲା।ତାଙ୍କୁ ପ୍ରଭୁଙ୍କ ଠିକଣା ପଚାରିବାରୁ ସେ କହିଲେ-ପ୍ରଭୁଙ୍କ ଦର୍ଶନ ପାଇବାକୁ ହେଲେ ତୋତେ ଅନନ୍ତ କ୍ଷୀର ସାଗରକୁ ଯିବାକୁ ପଡ଼ିବ। କଇଁଛ ମନ୍ଥର ଗତି ସହିତ କ୍ଷୀର ସାଗର ସନ୍ଧାନରେ ଆଗକୁ ବଢ଼ିଲା। ଅଗମ୍ୟ ରାସ୍ତା, ଘନବହୁଳ ଜଙ୍ଗଲ, ସୁଉଚ୍ଚ ପର୍ବତ ଏବଂ କେତେ କେତେ ବାଧାବିଘ୍ନ ଅତିକ୍ରାନ୍ତ କରି ବହୁଦିନ ପରେ ଅନ୍ତତଃ ସାଗର କୂଳରେ ପହଞ୍ଚିଲା। ଯୋଜନ ଯୋଜନ ବିସ୍ତାରିତ ଜଳରାଶିର ସାଗର ମଧ୍ୟରେ କ୍ଷୀର ସାଗର ଅବସ୍ଥିତ। କଇଁଛ ସାଗରର ଜଳରାଶି ରେ ପହଁରି ପହଁରି ଆଗେଇଲା। ଶେଷରେ ଦିନେ ସେ କ୍ଷୀର ସାଗର ରେ ପହଞ୍ଚିଲା। ପ୍ରଭୁ ଶେଷନାଗ ଶଯ୍ୟାରେ ଶୋଇ ବିଶ୍ରାମ କରୁଥାନ୍ତି। ମା’ ଲକ୍ଷ୍ମୀ ଭକ୍ତି ସ୍ୱରୂପରେ ପ୍ରଭୁଙ୍କ ଚରଣ ଘର୍ଷଣ କରୁଥାନ୍ତି। କଇଁଛ ପ୍ରଭୁଙ୍କ ଚରଣ ସ୍ପର୍ଶ କରିବାକୁ ଇଚ୍ଛା ପ୍ରକଟ କଲା। ପରନ୍ତୁ ଶେଷନାଗ ଏବଂ ମା’ ଲକ୍ଷ୍ମୀ ତାହା କରିବାକୁ ଦେଲେନାହିଁ। ତୁଚ୍ଛ, ଅଶୁଦ୍ଧ ପ୍ରାଣୀ ହୋଇ ପ୍ରଭୁଙ୍କ ଚରଣ ସ୍ପର୍ଶ କରି ପାରିବନି ବୋଲି ତିରସ୍କାର କରି ଫେରାଇଦେଲେ। ବିଚରା ପ୍ରଭୁଙ୍କ ଚରଣ ସ୍ପର୍ଶରୁ ବଞ୍ଚିତ ହୋଇ ମନ ଦୁଃଖରେ ଫେରିଆସିଲା। ତା’ର ସାରା ଜୀବନର ତପସ୍ୟା ଅଧୁରା ରହିଗଲା। ପ୍ରଭୁ ସ୍ମିତ ହସ ମଧ୍ୟରେ ସୀମିତ ରହିଲେ। ଦେବର୍ଷି ନାରଦ ଏହା ଦେଖି ସ୍ଥିର ହୋଇ ପାରିଲେ ନାହିଁ। ମନେ ମନେ ଭାବିଲେ-ପ୍ରଭୁ ତ ଭକ୍ତବତ୍ସଳ। କଇଁଛର ଭକ୍ତିରେ ଚରଣ ସ୍ପର୍ଶ କରିବାରୁ ବଞ୍ଚିତ କାହିଁକି ?



ସମୟ କାହାପାଇଁ ଅଟକିଯାଏ ନାହିଁ। ଧୀର ଧୀରେ ସମୟ ଅତି ବାହିତ ହେଲା।କଇଁଛ ପରବର୍ତ୍ତୀ ଜନ୍ମରେ କେଉଟ ରୂପେ ଜନ୍ମିଲା। ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମ ରୂପେ ମନୁଷ୍ୟ ହୋଇ ଜନ୍ମନେଲେ । ମା’ ଲକ୍ଷ୍ମୀ ସୀତା ରୂପେ ଏବଂ ଶେଷନାଗ ଭ୍ରାତା ଲକ୍ଷ୍ମଣ ରୂପେ ପ୍ରକଟ ହେଲେ। ଶ୍ରୀରାମଙ୍କ ବନବାସ ସମୟରେ ଗଙ୍ଗା ନଦୀ ପାରି କରିଦେବାକୁ କେଉଟକୁ କହିଲେ। କେଉଟ ଅନୁରୋଧ କରି କହିଲା- ଯଦି ଆପଣ ମୋ ଦ୍ୱାରା ଚରଣ ପ୍ରେକ୍ଷାଳନ କରିବେ ତାହେଲେ ନଦୀ ପାରି କରିଦେବି। ଅହଲ୍ୟାଙ୍କ ପରି ଯଦି ମୋ ନୌକା ନାରୀ ହେଇଯିବ ସଂସାରର ଭରଣ ପୋଷଣ କରିବ କିଏ ? ଶେଷନାଗ ଓ ମା’ ଲକ୍ଷ୍ମୀଙ୍କ ସମ୍ମୁଖରେ କେଉଟ ପ୍ରଭୁ ଶ୍ରୀରାମଙ୍କ ଚରଣ କମଳକୁ ଧୋଇ, ଗାମୁଛାରେ ପୋଛି ସୁଖ ପ୍ରାପ୍ତି କଲା। ସମୟ ବିତି ଚାଲିଥାଏ। ପୁଣିଥରେ କଇଁଛ ସୁଦାମା ରୂପେ ଜନ୍ମ ନେଲେ। ପ୍ରଭୁ ଶ୍ରୀକୃଷ୍ଣ ଅବତାର ପୁରୁଷ ହୋଇ ଜନ୍ମ ହେଲେ। ମା’ ଲକ୍ଷ୍ମୀ ରୁକ୍ମଣୀ ଏବଂ ଶେଷନାଗ ବଡ଼ଭାଇ ବଳଦେବ ରୂପେ ପ୍ରକଟ ହେଲେ। ସୁଦାମାରେ ପରିବର୍ତ୍ତିତ ସେଇ କଇଁଛ ଦିନେ ପ୍ରଭୁ ଶ୍ରୀକୃଷ୍ଣ ଙ୍କୁ ଦେଖା କରିବାକୁ ଦ୍ୱାରିକା ପୁରୀରେ ପହଞ୍ଚିଲେ। ଧୂଳି ଧୂସରିତ, କଣ୍ଟା ଫୁଟିଥିବା ଓ ପଥର ବାଜି ରକ୍ତ ଝରୁଥିବା ପାଦରେ ଦ୍ୱାରାକାଧି ପତି ପ୍ରଭୁ ଶ୍ରୀକୃଷ୍ଣଙ୍କ ସିଂହାସନରେ ବିରାଜିତ ସୁଦାମା। ପ୍ରଭୁ ସୁଦାମାଙ୍କର ପାଦ ପ୍ରେକ୍ଷାଳନ କରୁଥାନ୍ତି। ନିକଟରେ ରୁକ୍ମଣୀ ସୁଦାମାଙ୍କ ଚରଣରେ ଜଳ ଢାଳୁଥାନ୍ତି। ବଡ଼ଭାଇ ବଳଦେବ ବାଲ୍ୟ ସଖା ସୁଦାମଙ୍କୁ ଦେଖି ଆଖିରୁ ଆନନ୍ଦାଶ୍ରୁ ନିଗାଡୁ ଥାଆନ୍ତି। ଏହା ସତ ଯେ ପଭୁଙ୍କ ଲୀଳା ଅପ୍ରମିତ-ଅସରନ୍ତି-ଅନନ୍ତ। ତାଙ୍କ କଥା ବୁଝିବା ଓ ତାଙ୍କ ମହିମା ଜାଣିବା ଏତେ ସହଜ ନୁହେଁ।

*ବିସି-୭୪, ସଲଟ ଲେକ, କଲକାତା-୬୪*
*ମୋ-୯୬୫୧୩୭୩୫୧୨*



## କରୁଅଛୁ ଶତ ନମ

ଓଡ଼ିଶାର ଗରବ ସେ ମୋ ମାଟି ସୌରଭ
ନାଆଁ ଜାଣୁ କେ କହିଲେ ’ଉତ୍କଳଗୌରବ’।
ହୋଇଥିଲେ ଭୂମିଷ୍ଠ ସେ ସତ୍ୟଭାମାପୁରେ
ଏ ଜାତିର ନମସ୍ୟରେ ମାଟି ମାଆ ଝୁରେ ।
ଖାଣ୍ଟି ଅର୍ଥରେ ଥିଲେରେ ସେ ଓଡ଼ିଆ ଜଣେ
ଆଜିବି ଭୁଲିନି ଜାତି ଭଲ ରୂପେ ଜାଣେ।
ନବ ଉତ୍କଳ ଗଠନ ପାଇଁ ଥିଲେ ବ୍ରତୀ
ଧ୍ୟାନ ଦେଇଥିଲେ ଯିଏ ଭାଷା ରକ୍ଷା ପ୍ରତି।
ବାରିଷ୍ଟର, କୁଳବୃଦ୍ଧ, ପଗଡ଼ିପୁରୁଷ’
ଜିଇଁ ରହିଥିବେ ସିଏ ପୁରୁଷ ପୁରୁଷ।
ଗୋରାକବର ଆଡ଼କୁ ଗଲେ ଥରେ ବୁଲି
ତାଙ୍କ ଗାଥା ସ୍ମୃତି ପଟେ ଉଠୁଥାଏ ଫୁଲି।
ଶିଳ୍ପର ପ୍ରଗତି ପାଇଁ ଉତ୍କଳ ଟ୍ୟାନେରୀ
ଗଢିଥିଲେ ଲାଗେ ଆଜି ଇତିହାସ ପରି।
ଉଠରେ ଉଠରେ ଉତ୍କଳ ସନ୍ତାନ ଲେଖି
ଦେଶାତ୍ମବୋଧକ ଭାବ ଯାଇଛନ୍ତି ରଖି।
ଏପ୍ରିଲ ଅଠେଇଶ ତାଙ୍କ ଜନ୍ମ ତିଥି
ଶ୍ରଦ୍ଧା ସୁମନ ଅରପି ଗାଅ ଭକ୍ତି ଗୀତି।
ଉତ୍କଳ ମାତା ନନ୍ଦନ ସିଏ ଅନୁପମ
ଉତ୍କଳ ଗୌରବ’ହେ ! କରେ ଶତ ନମ ।

*ନୀଳମଣି ଚାନ୍ଦ*
*ମନ୍ତ୍ର ମାନୋର, ଗୋଠପାଟଣା*
*ଭୁବନେଶ୍ୱର, ମୋ:୯୫୮୩୨୦୨୩୫୭*

## ସ୍ତୁତି

ଗୋପାଳ ଗଡ଼ରେ ପୂଜା ପାଉଅଛୁ
ମାଆ ହିଙ୍ଗୁଳାୟୀ ନାମରେ
ସନମାନ ତୋର ରହିଛି ମାଆଲୋ
ପୂଣ୍ୟ ଶିରୀକ୍ଷେତ୍ର ଧାମରେ !
ଅଗ୍ନିରୂପେ ବିଜେ ହୋଇଲୁ ମା ନିଜେ
ମହିମା ପ୍ରକାଶି ତୋହର
କି ଦେଇ ପୂଜିବି ପାରୁନାହିଁ ଭାବି
ଘେନ ମା ଜୁହାର ମୋହର !
ତୁଣ୍ଡରୁ ତୁଣ୍ଡକୁ କଥା ଖେଳିଗଲା
ମାଆ ଆସିଛନ୍ତି ଧରାକୁ
କାହିଁ କେତେ ଦୂରୁ ଭକତ ଆସିଲେ
ନ ଡରି ଚଇତି ଖରାକୁ !
ତୋ କୃପା ବଳରେ ଦରଶନ ତୋତେ
କଲେ ଭୋଗରାଗ ଦେଇକି
ଖୁସିରେ ଭକତ ଘର ବାହୁଡ଼ିଲେ
ତୋହର ଆଶିଷ ନେଇକି !


*ଜଗଦୀଶ ସାହୁ, ସଂଜପଡା,*
*ହିନ୍ଦୋଳ*
*ଢେଙ୍କାନାଳ, ୭୫୯୧୨୮*
*ମୋ :-୯୦୭୮୧୮୫୬୧୬*

## ବୋଉ ଭାଜିଦିଏ ଶାଗ

ଫୁଲ ତୋଳୁ ତୋଳୁ ବୋଉ ଦେଖିଦିଏ
ବାଡି ଲେଉଟିଆ ଶାଗ
ଫୁଲ ଘରେ ଥୋଇ ଶରଧାରେ ଯାଇ
ଶାଗତକ ତୋଳେ ଆଗ ।।
ଫୁଲ ହାର ଗୁନ୍ଥା ସରିଲେ ବୋଉତା
ଘର ବାସିକାମ କରେ
ଗାଧୋଇବା ବେଳ ହେଇଯାଏ ନଈ
ଦୁରେଥାଇ ହାତଠାରେ ।।
ଖୁଡିସାଥେ ଯାଇ ଗାଧୁଆ ସାରଇ
ନଈର ପାଣିରେ ବୋଉ
ଖେଳୁଥାନ୍ତି ଜଳେ ମୀନ ମହୁରାଡ଼ି
ଭାକୁର ମାଗୁର କଉ ।।
ତରତରେ ଆସି ରୋଷଘରେ ପଶି
ଶାଗତକ ଦିଏ ଭାଜି
ତାର ହାତରନ୍ଧା ଭାରିସୁଆଦିଆ
କହେ ବସି ହସି ରୋଜି ।।
ଶାଗଭଜା ବଡ଼ିଚୁରା ଲୁଣିଖଟା
ପଖାଳ ଦିଅଇ ବାଢି
ଖୁସିରେ ଆସିକି ଖାଆନ୍ତି ବାପାଯେ
ବିଲ ଚାଷକାମ ଛାଡି ।।
ମୁନା ଖାଇଦିଏ ଦହିର ପଖାଳ
ଶାଗଭଜା ହେଇ ଖୁସି
ପାଠଶାଳା ଯିବା ପାଇଁ ଡାକେ ଆସି
ପଡିଶା ଘରର ଲୁସି ।।
ଅପା ଖାଇଦିଏ ବୋଉ ଦେଇଥିବା
ପଖାଳ ଓ ଶାଗଭଜା
ପଖାଳ ମୁଠିଏ ଖାଇକି କରନ୍ତି
ଅଜାତ ମଉଜ ମଜା ।।
ପିଲାଙ୍କୁ ବସାଇ ଆଈଟି କହଇ
ମନମତାଣିଆ ଗୀତେ
ଶାଗଦେହେ ଅଛି କେତେ ଭିଟାମିନ
ଆମ ଶରୀରର ହିତେ ।।

*ପ୍ରଶାନ୍ତ କୁମାର ଦାଶ*
*କୁଞ୍ଜର ସଙ୍ଗଲାଇ*
*ପିପିଲି ପୁରୀ*

## ବୃକ୍ଷ ଦେବତା



ସେ ଦିନର ଶେଷ ପିରିୟଡରେ ପଞ୍ଚମ ଶ୍ରେଣୀରେ ଶିକ୍ଷକ ପିଲାମାନଙ୍କୁ ପ୍ରଶ୍ନ କଲେ- ଆମେ ବଞ୍ଚିବା ପାଇଁ ଆବଶ୍ୟକ ହେଉଥିବା ଜିନିଷ ସବୁ କାହାଠାରୁ ପାଉଅଛୁ ଅର୍ଥାତ ପ୍ରକୃତିର କିଏ ନ ହେଲେ ଆମେ ପରୋକ୍ଷରେ ବା ପ୍ରତ୍ୟକ୍ଷରେ ଆମର ଅତ୍ୟାବଶ୍ୟକ ଜିନିଷ ପାଇ ପାରିବା ନାହିଁ ? ଏହାର ଭିନ୍ନ ଭିନ୍ନ ଉତ୍ତର ଆସିଲା । ସେଥିରୁ ମୁଖ୍ୟ ଛଅଟି ଜିନିଷକୁ ଶିକ୍ଷକ କଳାପଟାରେ ଲେଖିଲେ । ସେ ଶବ୍ଦ ଛଅଟି ଥିଲା- ଖାଦ୍ୟ, ପାଣି, ପବନ, ଔଷଧ, ବାସସ୍ଥାନ, ପୋଷାକ।

ଶିକ୍ଷକ ସବୁ ପିଲାଙ୍କୁ ତିନିଗୋଟି ଦଳରେ ଭାଗ କରି ଏଇ ଛଅଟି ଶବ୍ଦକୁ ପ୍ରତି ଦଳକୁ ଦୁଇଗୋଟି ଶବ୍ଦ ଶ୍ରେଣୀକାର୍ଯ୍ୟ ଭାବରେ ଦେଲେ । ସେ ସୂଚନା ଦେଲେ- ପ୍ରଥମ ଦଳ ଖାଦ୍ୟ ଏବଂ ପାଣି, ଦ୍ୱିତୀୟ ଦଳ ପବନ ଓ ଔଷଧ ଏବଂ ତୃତୀୟ ଦଳ ବାସସ୍ଥାନ ଓ ପୋଷାକ- ଏଗୁଡ଼ିକୁ ଆମେ କାହା ଠାରୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ପାଇଥାଉ ?

ପ୍ରତି ଦଳର ପିଲାମାନେ ନିଜ ନିଜ ଭିତରେ ଆଲୋଚନା କରି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନିଜର ଉତ୍ତରକୁ ଉପସ୍ଥାପନ କଲେ। ପ୍ରଥମ ଦଳରୁ ଜଣେ ଛିଡ଼ା ହୋଇ କହିଲା- ଗୁରୁଜୀ, ଜୀବ ଜଗତର ପ୍ରାଣୀମାନେ ଖାଦ୍ୟ ପାଇଁ ବୃକ୍ଷ ଉପରେ ନିର୍ଭର କରିଥାଉ । ଯଦିଓ ପାଣି ବିଭିନ୍ନ ଜଳାଶୟ ଗୁଡ଼ିକରେ ଥାଏ ଏହା ବର୍ଷା ନ ହେଲେ ପୃଥିବୀକୁ ଆସିବ କିପରି ? ଏଇ ବର୍ଷା କରାଇବାରେ ମଧ୍ୟ ବୃକ୍ଷର ଭୂମିକା ରହିଛି । ଦ୍ୱିତୀୟ ଦଳରୁ ଜଣେ ଛିଡ଼ାହୋଇ କହିଲା- ଗୁରୁଜୀ, ବୃକ୍ଷ ନ ଥିଲେ ବାୟୁମଣ୍ଡଳର ବାୟୁ ଚଳନ ହୋଇପାରନ୍ତା ନାହିଁ । ପ୍ରକୃତି ରାଇଜେ ବାୟୁମଣ୍ଡଳର ବାୟୁ ଚଳନ ହେବାରେ ଗଛର ଭୂମିକା ରହିଛି। ପ୍ରାଣୀର ବଞ୍ଚିବା ନିମନ୍ତେ ଆବଶ୍ୟକ ହେଉଥିବା ଅମ୍ଳଜାନ, ବୃକ୍ଷ ଠାରୁ ମିଳିଥାଏ । ଗଛର ଚେର, ଛେଲି, ପତ୍ର ଆଦିରୁ ବିଭିନ୍ନ ଲାଭଦାୟକ ଆରୋଗ୍ୟକାରୀ ଔଷଧ ମଧ୍ୟ ପ୍ରସ୍ତୁତ ହୋଇ ଆସୁଅଛି । ଶେଷରେ ତୃତୀୟ ଦଳରୁ ଜଣେ ଛିଡ଼ା ହୋଇ କହିଲା- ଗୁରୁଜୀ, ମଣିଷ, ଗୃହପାଳିତ ପଶୁ ତଥା ବନ୍ୟଜନ୍ତୁ ରହିବା ପାଇଁ ବୃକ୍ଷ ଉପରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ନିର୍ଭର କରିଥାନ୍ତି। ଗଛର କାଠରୁ ମଣିଷ ନିଜ ବାସସ୍ଥାନ ତିଆରିରେ ବ୍ୟବହାର କରିଥାଏ । ଆମେମାନେ ପିନ୍ଧୁଥିବା କପାସୂତା ପୋଷାକର ଆବଶ୍ୟକ ଗରମ ଦିନରେ ରହେ । ଦେହକୁ ଆରାମ ଲାଗିଥାଏ। ଏଣୁ ପୋଷାକ ପାଇଁ ମଧ୍ୟ ଆମେ ବୃକ୍ଷ ଉପରେ ନିର୍ଭର କରିଥାଉ ।

ଏସବୁ ଉତ୍ତର ଶୁଣିସାରି ଶିକ୍ଷକ ଅତ୍ୟନ୍ତ ଖୁସି ହୋଇଗଲେ । ସେ କହିଲେ- ଏବେ ବୁଝିଲ ପିଲାମାନେ । ବୃକ୍ଷ ହେଉଛି ପ୍ରକୃତିର ଏମିତି ଏକ ଅବଦାନ ଯିଏ ପ୍ରାଣୀମାନଙ୍କର ଅଧିକାଂଶ ଆବଶ୍ୟକତା ପୂରଣ କରିବାରେ ସହାୟକ ହେଉଅଛି । ସେ ନ ରହିଲେ ଆମମାନଙ୍କର ବଞ୍ଚିବା ଅସମ୍ଭବ। ଏଣୁ ବୃକ୍ଷ ରୋପଣ କରି ଆମେ ଏହାର ଯତ୍ନକରି ବଢ଼ାଇବାକୁ ହେବ । ସେ ହେଉଛି ପୃଥିବୀର ଶୀତଳୀକରଣ ଯନ୍ତ୍ର। ଅଧିକ ଜଙ୍ଗଲ ସୃଷ୍ଟିକଲେ ବର୍ତ୍ତମାନର ହୁ ହୁ ହୋଇ ବଢୁଥିବା ଗ୍ରୀଷ୍ମତାପ ଦାଉରୁ ଆମେ ବର୍ତ୍ତିପାରିବା । ଆମେ ତା’ର ଯତ୍ନ କରି ଅଧିକ ଜଙ୍ଗଲ ସୃଷ୍ଟି କରି ପାରିଲେ, ଏହା ହେବ ଆମର ତା’ର ପ୍ରତି ପୂଜା । ସେ ଆମକୁ ସୁଖରେ ରହିବା ପାଇଁ ଆଶୀର୍ବାଦ ପ୍ରଦାନ କରିବ । ବୃକ୍ଷ ହିଁ ଆମର ଦେବତା ।

*ସନ୍ତୋଷ କୁମାର ଅଦାବର*
*ବୀରମହାରାଜପୁର, ସୁବର୍ଣ୍ଣପୁର, ମୋ-୯୭୭୭୯୧୦୭୨୮*

## ମାଡ଼ି ଆସିଲାଣି ଖରା



ବୈଶାଖ ମାସଟି ଧରାକୁ ଆସିଛି
ମାଡି ଆସିଲାଣି ଖରା
ସୂରୁଜ ଦେବଙ୍କ ପ୍ରଖର କିରଣେ
ତାତି ଉଠିଲାଣି ଧରା ।
ଗରମ ସହିତ ଗୁଳୁଗୁଳି ହୋଇ
ଦେହରୁ ବହୁଛି ଝାଳ
ପଦାକୁ ଟିକିଏ ବାହାରି ପଡ଼ିଲେ
ବରଷି ଯାଏ ଅନଳ ।
ଟାଣ ଖରାଟାରେ ପଦାକୁ ଯାଅନା
ଅଂଶୁଘାତ ହୋଇଯିବ
ଶରୀର କୁ ସୁସ୍ଥ ରଖିବା ପାଇଁକି
ନିଜେ ସାବଧାନ ଥିବ ।
ବାହାରକୁ ଗଲେ ଛତା ଜୋତା ସାଥେ
ପାଣି ବୋତଲ କୁ ନିଅ
ଓଦା ଗାମୁଛାକୁ ମୁଣ୍ଡରେ ପକେଇ
କଳାଚଷମା ଲଗାଅ ।
ଘୋଳଦହି ଲସି ସର୍ବତ ତୋରାଣି
ଖରାବେଳେ ପିଉଥିବ
ଜଳଛତ୍ର ଦେଖି ପାଣି ପିଇଦେଇ
ଶୋଷ ଟିକେ ମେଣ୍ଟିଯିବ ।
ଗରମ ଭାତକୁ ମସଲା ଜିନିଷ
ଛଣା ଖାଦ୍ୟ ନଖାଇବ
ପଖାଳ ଭାତରେ ଲେମ୍ବୁ ଦହି ଭାଙ୍ଗି
ଖାଇଲେ ଆରାମ ଦେବ ।
ତରଭୁଜ ସେଓ ଅଙ୍ଗୁର କମଳା
ସାଲାଡ଼ ପିଜୁଳି ଖାଅ
ସତେଜ ଲାଗିବ ଆଇସ୍କ୍ରିମ୍ ଆମ୍ବ
ଖାଇ ଲେମ୍ବୁପଣା ପିଅ ।
ତେଲ ଜିନିଷଟି ପାଟିକୁ ସୁଆଦ
ଦେହକୁ ହୁଏ ଅହିତ
ପଇଡ଼ ପାଣି ଓ ଆଖୁ ବେଲ ପଣା
ପିଇଲେ ସାଧଇ ହିତ ।
ଶୀତଳଯନ୍ତ୍ର ଓ ବିଞ୍ଚଣା ପାଙ୍ଖାକୁ
ଲଗାଇ ଘରେ ବସିବ
ଗଛ ଛାଇ ତଳେ ବସିଗଲେ ଟିକେ
ଶରୀରେ ଆରାମ ଦେବ ।
ଜଳର ମାତ୍ରାକୁ କମାଇବ ନାହିଁ
ଗରମୁ ରକ୍ଷା ପାଇବ
ଥଣ୍ଡା ପାଣି ନେଇ ଗାଧୋଇବ ନିତି
ଦେହକୁ ସଫା ରଖିବ ।

*ନଳିନୀ ଦାଶ, ଭିକାରିପଡା,*
*ଶରଣକୁଳ, ନୟାଗଡ଼*
*ମୋ--୯୨୩୮୯୯୬୬୪୯*

## ଖରାଦିନ ଛୁଟି...

ଖରାର ପ୍ରକୋପ ସହି ହେଉ ନାହିଁ
ବହୁଛି ଝାଞ୍ଜି ପବନ
ତାପ ବଢିବାରୁ ଖରାଦିନ ଛୁଟି
ସଅଳ ଆସିଛି ଜାଣ।

ତପତ ମହୀରେ ଗମ ଗମ ଝାଳ
ଝରୁଛି ଦେହରୁ ଆମ
ଟାଣ ଖରା ଯୋଗୁଁ ଅଂଶୁଘାତ ଭୟେ
ଦୁଃଖରେ କଟୁଛି ଦିନ।

ପଖାଳ ଭାତରେ ଦହିକୁ ମିଶାଇ
ସରାଗେ ଖାଇବା ଆମେ
ନିଜ ଘରେ ବସି ନିଜ ପାଠ ବହି
ପଢ଼ିବା ହରଷ ମନେ।

ତରଭୁଜ ଫଳ ବେଲପଣା ଆଦି
ଦେହକୁ ରଖେ ଶୀତଳ
ମାଠିଆ ପାଣିକୁ ସରାଗେ ପିଇଲେ
ଶରୀର ରୁହେ ଚଞ୍ଚଳ।

ଟାଣ ଖରାବେଳେ ବିଶ୍ରାମ କରିଲେ
ଶରୀର ରୁହଇ ସୁସ୍ଥ
ଖରା ନଇଁଗଲେ ଖେଳ କସରତ
କରିଥାଏ ଦେହ ହିତ।

ଖରାଦିନେ ଯିଏ ଅଳ୍ପ ଖାଦ୍ୟ ଖାଇ
ବେଶୀ ପାଣି ପିଇଥାଏ
ରୋଗ ବଇରାଗ ନଆସଇ ପାଶ
ସୁସ୍ଥ ଓ ସବଳ ରୁହେ।

ଆସ ମୋର ମିତ ଗ୍ରୀଷମ ନିୟମ
ହୃଦେ କରିବା ପାଳନ
ଗୁରୁ ଦେଇଥିବା ସାରା ଗୃହକର୍ମ
ଛୁଟିରେ କରିବା ପୂର୍ଣ୍ଣ।

*ରାମଚନ୍ଦ୍ର ବେହେରା*
*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

ମାତୃଭାଷା



# ଆରସିବିର ମଧୁର ପ୍ରତିଶୋଧ



**ଆଇପିଏଲ : ହାଇଦ୍ରାବାଦ ଆଗରେ ୨୦୭ ରନର ଲକ୍ଷ୍ୟ ରଖିଲା ବେଙ୍ଗାଲୁରୁ**

## ରଜତ ପଟିଦାର ଓ ବିରାଟ କୋହଲିଙ୍କ ଅର୍ଦ୍ଧଶତକ

## ବୋଲରଙ୍କ ଶାଣିତ ବୋଲିଂ

## ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଦ୍ୱିତୀୟ ବିଜୟ

**ହାଇଦ୍ରାବାଦ, ୨୫।୪:** ହାଇଦ୍ରାବାଦର ରାଜୀବ ଗାନ୍ଧି ଅନ୍ତର୍ଜାତୀୟ ଷ୍ଟାଡିୟମଠାରେ ଖେଳାଯାଉଥିବା ଆଇପିଏଲର ୪୧ ତମ ମ୍ୟାଚରେ ସନ ରାଇଜର୍ସ ହାଇଦ୍ରାବାଦ ଓ ରୟାଲ ଚ୍ୟାଲେଞ୍ଜର୍ସ ମଧ୍ୟରେ ହାଇ ଭୋଲ୍‌ଟେଜ୍ ମୁକାବିଲା ହୋଇଥିଲା । ଏହି ମ୍ୟାଚ୍‌ରେ ପ୍ରଥମ ବ୍ୟାଟିଂ କରି ହାଇଦ୍ରାବାଦ ଆଗରେ ୨୦୭ ରନର ଲକ୍ଷ୍ୟ ରଖିଥିଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ।

ଏହି ମ୍ୟାଚରେ ବେଙ୍ଗାଲୁରୁ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଦଳର ଦୁଇ ଓପନର ବିରାଟ କୋହଲି ଓ ଫାଫ୍ ଡୁପ୍ଲେସିସ୍ ସତର୍କତାର ସହ ଖେଳି ନିଜ ଦଳକୁ ଏକ ଭଲ ଆରମ୍ଭ ଦେଇଥିଲେ । ଡୁପ୍ଲେସିସ୍ ୨୫ ରନ ଓ ବିରାଟ ୫୧ ରନ କରି ଆଉଟ ହୋଇଥିଲେ । ସେହିପରି ରଜତ ପଟିଦାର ୫୦ ରନ ଓ କାମେରନ ଗ୍ରୀନ ୩୭ ରନ କରିଥିଲେ । ଦିନେଶ କାର୍ତ୍ତିକ ୧୧ ରନ, ସ୍ୱପ୍ନିଳ ସିଂ ୧୨ ରନ ଓ ମହପାଳ ଲାମରୋର ୭ ରନ କରିଥିଲେ । ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ ଓ୍ୱିକେଟ ହରାଇ ୨୦୬ ରନ କରିଥିଲା । ହାଇଦ୍ରାବାଦ ପକ୍ଷରୁ ଜୟଦେବ ଉନାଡକଟ ୩ଟି ଓ୍ୱିକେଟ ନେଇଥିବାବେଳେ ଟି.ନଟରାଜନ ୨ଟି ଓ୍ୱିକେଟ ନେଇଥିଲେ ।

ଜବାବରେ ହାଇଦ୍ରାବାଦର ବିସ୍ଫୋରକ ବ୍ୟାଟର ଟ୍ରାଭିସ ହେଡ୍ ପ୍ରଥମ ଓଭରରେ ହିଁ ଆଉଟ୍ ହୋଇଯାଇଥିଲେ । ଏହାପରେ ଦଳ କ୍ରମାଗତ ଭାବେ ଓ୍ୱିକେଟ୍ ହରାଇ ଚାଲିଥିଲା । ଅଭିଷେକ ଶର୍ମା ଓ ପାଟ କମିନ୍ସ ବିସ୍ଫୋରକ ବ୍ୟାଟିଂ କରିଥିଲେ ଦଳକୁ ପରାଜୟରୁ ବଞ୍ଚାଇ ପାରିନଥିଲେ । ଶେଷରେ ହାଇଦ୍ରାବାଦ ୩୫ ରନ୍‌ରେ ପରାଜୟ ବରଣ କରିଥିଲା । ସାହାବାଜ ଅହମ୍ମଦ ୪୦ ରନ୍ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ । ଆରସିବି ପକ୍ଷରୁ ସଫଳ ବୋଲର ଭାବେ କର୍ଣ୍ଣ ଶର୍ମା। ୨ଟି ଓ୍ୱିକେଟ୍ ଅକ୍ତିଆର କରିଥିବାବେଳେ କାମେରନ ଗ୍ରୀନଙ୍କୁ ୨ଟି ଓ୍ୱିକେଟ୍ ମିଳିଥିଲା ।

| ବେଙ୍ଗାଲୁରୁ: ୨୦୬/୭ (୨୦ ଓଭର) | | | |
|---|---|---|---|
| ବିରାଟ କୋହଲି | କ୍ୟା ସମଦ ବୋ ଉନାଦକତ | ୫୧ | ୪୩ |
| ଫାପ ଡୁ ପ୍ଲେସିସ | କ୍ୟା ମରକ୍ରମ ବୋ ନଟରାଜନ | ୨୫ | ୧୨ |
| ଓ୍ୱିଲ ଜ୍ୟାକ୍ସ | ବୋ ମାର୍କଣ୍ଡେ | ୦୬ | ୦୯ |
| ରଜତ ପଟିଦାର | କ୍ୟା ସମଦ ବୋ ଉନାଦକତ | ୫୦ | ୨୦ |
| କାମେରନ ଗ୍ରୀନ | ଅପରାଜିତ | ୩୭ | ୨୦ |
| ମହିପାଲ ଲୋମରର | କ୍ୟା କମିନ୍ସ ବୋ ଉନାଦକତ | ୦୭ | ୦୪ |
| ଦିନେଶ କାର୍ତ୍ତିକ | କ୍ୟା ସମଦ ବୋ କମିନ୍ସ | ୧୧ | ୦୬ |
| ସ୍ୱପ୍ନିଲ ସିଂହ | କ୍ୟା ଅଭିଷେକ ବୋ ନଟରାଜନ | ୦୦ | ୦୧ |
| ଅତିରିକ୍ତ | | ୦୭ | |

| ବୋଲିଂ | ଓଭର | ମେଡେନ୍ | ରନ୍ | ଓ୍ୱିକେଟ୍ |
|---|---|---|---|---|
| ଅଭିଷେକ ଶର୍ମା | ୧ | ୦ | ୧୦ | ୦ |
| ଭୁବନେଶ୍ୱର କୁମାର | ୧ | ୦ | ୧୪ | ୦ |
| ପାଟ କମିନ୍ସ | ୪ | ୦ | ୫୫ | ୧ |
| ଟି ନଟରାଜନ | ୪ | ୦ | ୩୯ | ୨ |
| ସାହାବାଜ ଅହମ୍ମଦ | ୩ | ୦ | ୧୪ | ୦ |
| ମୟଙ୍କ ମାର୍କଣ୍ଡେ | ୩ | ୦ | ୪୨ | ୧ |
| ଜୟଦେବ ଉନାଦକତ | ୪ | ୦ | ୩୦ | ୩ |

| ହାଇଦ୍ରାବାଦ: ୨୦୬/୭ (୨୦ ଓଭର) | | | |
|---|---|---|---|
| ଅଭିଷେକ ଶର୍ମା | କ୍ୟା କାର୍ତ୍ତିକ ବୋ ଦୟାଲ | ୩୧ | ୧୩ |
| ଟ୍ରାଭିସ ହେଡ୍ | କ୍ୟା କର୍ଣ୍ଣ ବୋ ଜ୍ୟାକ୍ସ | ୦୧ | ୦୩ |
| ଏଇଡେନ ମରକ୍ରମ | ଏଲବି ବୋ ସ୍ୱପ୍ନିଲ | ୦୭ | ୦୮ |
| ନୀତିଶ ରେଡ୍ଡି | ବୋ କର୍ଣ୍ଣ | ୧୩ | ୧୩ |
| ହେନରିଚ କ୍ଲାସେନ | କ୍ୟା ଗ୍ରୀନ ବୋ ସ୍ୱପ୍ନିଲ | ୦୭ | ୦୩ |
| ସାହାବାଜ ଅହମ୍ମଦ | ଅପରାଜିତ | ୪୦ | ୩୭ |
| ଅବଦୁଲ ସମଦ | କ୍ୟା/ବୋ କମିନ୍ସ | ୧୦ | ୦୬ |
| ପାଟ କମିନ୍ସ | କ୍ୟା ସିରାଜ ବୋ ଗ୍ରୀନ | ୩୧ | ୧୫ |
| ଭୁବନେଶ୍ୱର କୁମାର | କ୍ୟା ସିରାଜ ବୋ ଗ୍ରୀନ | ୧୩ | ୧୩ |
| ଜୟଦେବ ଉନାଦକତ | ଅପରାଜିତ | ୦୮ | ୧୦ |
| ଅତିରିକ୍ତ | | ୧୦ | |

| ବୋଲିଂ | ଓଭର | ମେଡେନ୍ | ରନ୍ | ଓ୍ୱିକେଟ୍ |
|---|---|---|---|---|
| ଓ୍ୱିଲ ଜ୍ୟାକ୍ସ | ୨ | ୦ | ୨୩ | ୧ |
| ମହମ୍ମଦ ସିରାଜ | ୪ | ୦ | ୨୦ | ୦ |
| ୟଶ ଦୟାଲ | ୩ | ୦ | ୧୮ | ୧ |
| ସ୍ୱପ୍ନିଲ ସିଂହ | ୩ | ୦ | ୪୦ | ୨ |
| କର୍ଣ୍ଣ ଶର୍ମା | ୪ | ୦ | ୨୯ | ୨ |
| ଲୁକି ଫର୍ଗୁସନ | ୨ | ୦ | ୨୮ | ୦ |
| କାମେରନ ଗ୍ରୀନ | ୨ | ୦ | ୧୨ | ୨ |

## ମହାପ୍ରଭୁଙ୍କ ଦର୍ଶନ କଲେ ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ତାରକା ସାଇନା



**ପୁରୀ, ୨୫।୪:** ମହାପ୍ରଭୁଙ୍କ ଦର୍ଶନ କଲେ ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ତାରକା ସାଇନା ନେହୱାଲ । ପୁରୀ ଶ୍ରୀମନ୍ଦିରରେ ପ୍ରାୟ ଘଣ୍ଟାଏ ବିତେଇବା ସହ ମହାପ୍ରସାଦ ସେବନ କରିଛନ୍ତି । ସାଇନା କହିଛନ୍ତି, ଶ୍ରୀଜିଉଙ୍କ ଉପରେ ସମସ୍ତଙ୍କ ଆସ୍ଥା ରହିଛି । ଆଳତି ଦର୍ଶନ କରିବାର ସୌଭାଗ୍ୟ ପାଇ ଖୁବ୍ ଖୁସି । ସାଇନାଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀଜିଉଙ୍କ ମୂର୍ତ୍ତୀ ଉପହାରରେ ଦିଆଯାଇଛି । ଏହି ଅବସରରେ ସେ କଣ କହିଛନ୍ତି ଶୁଣନ୍ତୁ ।

**■ ଆଇପିଏଲ୍‌କୁ ନେଇ ଆକ୍ରମଙ୍କ ଭବିଷ୍ୟବାଣୀ**

## କେକେଆର୍ ହେବ ଏଥର ଚାମ୍ପିୟନ



**ନୂଆଦିଲ୍ଲୀ, ୨୫।୪:** ପାକିସ୍ତାନର ପୂର୍ବତନ ଦ୍ରୁତ ବୋଲର ଓ୍ୱାସିମ ଆକ୍ରମ ଆଇପିଏଲ ୨୦୨୪ର ବିଜେତାକୁ ନେଇ ଭବିଷ୍ୟବାଣୀ କରିଛନ୍ତି । ସେ କହିଛନ୍ତି, ଏହା ପୂର୍ବାନୁମାନ କରିବା କଷ୍ଟକର ଅଟେ । ଆରମ୍ଭରେ ମୁଁ କହିଥିଲି ରାଜସ୍ଥାନ ରୟାଲ୍ସ, ସନରାଇଜର୍ସ ହାଇଦ୍ରାବାଦ, କେକେଆର, ତା'ପରେ ଲକ୍ଷ୍ନୌ । ଏହି ୪ ଦଳ ଭିତରେ ଗୋଟିଏ କିମ୍ବା ଦୁଇଟି ପଏଣ୍ଟର ପାର୍ଥକ୍ୟ ଅଛି, ବର୍ତ୍ତମାନ ଦଳ ପାଇଁ ଠିକ ସମୟରେ ପ୍ରଦର୍ଶନ କରିବାର ସମୟ ଆସିଛି । ତେଣୁ ଠାରେ ଭବିଷ୍ୟବାଣୀ କରିବା କଷ୍ଟକର କିନ୍ତୁ ମୁଁ କେକେଆରକୁ ସମର୍ଥନ କରୁଛି । ଆକ୍ରମ ସିଧାସଳଖ କହିଛନ୍ତି, ମୋତେ ଲାଗୁଛି କେକେଆର ଚାମ୍ପିୟନ୍ ହେବ । ଆକ୍ରମ ଆହୁରି ମଧ୍ୟ କହିଛନ୍ତି, ଏହି ଆଇପିଏଲରେ ତାଙ୍କର ଦ୍ୱିତୀୟ ପ୍ରିୟ ଦଳ ହେଉଛି ଚେନ୍ନାଇ ସୁପର କିଙ୍ଗ୍ସ । ମୁଁ ନିଶ୍ଚିତ ଯେ ସାମଗ୍ରିକ ସିଏସ୍‌କେ ଭଲ ପ୍ରଦର୍ଶନ କରିବ । ସେମାନଙ୍କର ସଠିକ ଯୋଜନା ଅଛି । ସେମାନେ ଋତୁରାଜଙ୍କୁ ଅଧିନାୟକ କରି ଭବିଷ୍ୟତ ପାଇଁ ପ୍ରସ୍ତୁତି କରିଛନ୍ତି ।

# ଉସେନ ବୋଲ୍ଟ ଟି-୨୦ ବିଶ୍ୱକପ୍ ବ୍ରାଣ୍ଡ ଆମ୍ବାସଡର




**ନୂଆଦିଲ୍ଲୀ, ୨୫।୪:** ବିଶ୍ୱର କିମ୍ବଦନ୍ତୀ ଦ୍ରୁତ ଧାବକ ଉସେନ ବୋଲ୍ଟ ଓଉଉ ପୁରୁଷ ଟି-୨୦ ବିଶ୍ୱକପର ବ୍ରାଣ୍ଡ ଆମ୍ବାସଡର ଭାବେ ମନୋନୀତ । ଓଉଉ ତାଙ୍କୁ ବ୍ରାଣ୍ଡ ଆମ୍ବାସଡର ଭାବେ ନିଯୁକ୍ତି ଦେଇଛି । ଜୁନ୍ ୧ରୁ ଆମେରିକା ଏବଂ ଓ୍ୱେଷ୍ଟଇଣ୍ଡିଜରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପର ପ୍ରଚାର-ପ୍ରସାର କରିବେ ଉସେନ ବୋଲ୍ଟ ।

ବୋଲ୍ଟ ୧୦୦ ମିଟର ଏବଂ ୨୦୦ ମିଟର ଦୌଡରେ ଏକାଧିକ ଅଲିମ୍ପିକ୍ ଚାମ୍ପିଅନ୍ ତଥା ବିଶ୍ୱ ରେକର୍ଡର ଅଧିକାରୀ । ଆଥଲେଟ ଭାବେ ସେ ବେଶ୍ ପରିଚିତ । ଏକଦା ଏକ ସାକ୍ଷାତକାରରେ ବୋଲ୍ଟ କହିଥିଲେ, କ୍ରିକେଟର ହେବା ତାଙ୍କର ପ୍ରଥମ ପସନ୍ଦ ଥିଲା । ସୌଭାଗ୍ୟବଶତଃ ଓଉଉ ଟି-୨୦ ବିଶ୍ୱକପରେ ତାଙ୍କୁ ବ୍ରାଣ୍ଡ ଆମ୍ବାସଡର ହେବାର ସୁଯୋଗ ମିଳିଛି ।

ବିଶ୍ୱକପର ପ୍ରଚାର-ପ୍ରସାର ସହ ଆସନ୍ତା ସପ୍ତାହରେ ଉନ୍ମୋଚିତ ହେବାକୁ ଥିବା ବିଶ୍ୱକପ ସଂଗୀତ ଭିଡିଓରେ ନଜର ଆସିବେ ବୋଲ୍ଟ । ତାଙ୍କ ସହ ସିନ ପଲ୍ ଓ କେସ୍ ମଧ୍ୟ ସାମିଲ ରହିବେ । ବୋଲ୍ଟ କହିଛନ୍ତି, ଆମେରିକାରେ ବିଶ୍ୱକପ ଆୟୋଜିତ ହେଉଥିବାରୁ ମୁଁ ବେଶ୍ ଖୁସି । ସେ ଓ୍ୱେଷ୍ଟଇଣ୍ଡିଜକୁ ସମର୍ଥନ କରିବେ ବୋଲି କହିଛନ୍ତି ।


ଗ୍ରୁପ୍ ପର୍ଯ୍ୟାୟରେ ଥିବା ୪୦ ଟି ମ୍ୟାଚ୍ ମଧ୍ୟରୁ ୧୬ଟି ଆମେରିକାରେ ଡାଲାସ୍, ନ୍ୟୁୟର୍କ ଏବଂ ଫ୍ଲୋରିଡାର ୩ଟି ସ୍ଥାନରେ ଖେଳାଯିବ । ଜୁନ ୯ରେ ଭାରତ ଚିର ପ୍ରତିଦ୍ୱନ୍ଦ୍ୱି ପାକିସ୍ଥାନକୁ ଭେଟିବ । ଏବି ମ୍ୟାଚ୍ ନ୍ୟୁୟର୍କରେ ଖେଳାଯିବ ।

**ବିସିସିଆଇର ବଡ଼ ନିଷ୍ପତି**

# ଭାରତର ଘରୋଇ କ୍ରିକେଟର ବର୍ଷକୁ କୋଟିଏ ଟଙ୍କା ପାଇବେ ଦରମା

**ମୁମ୍ବାଇ, ୨୫।୪:** ଘରୋଇ ଖେଳାଳିଙ୍କ ଆୟ ବଢାଇବାକୁ ବିସିସିଆଇ ଚାହୁଁଛି । ଭାରତର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ ନେତୃତ୍ୱରେ ଚୟନ କମିଟିକୁ ଦରମା ବୃଦ୍ଧି କରିବାର ଉପାୟ ଅନୁସନ୍ଧାନ କରିବାକୁ କୁହାଯାଇଛି । ମ୍ୟାଚ୍ ଫିରେ ତୁରନ୍ତ ବୃଦ୍ଧି ସମ୍ଭବ ନୁହେଁ, ତେଣୁ ଏହି ସମସ୍ୟାର ସମାଧାନ ପାଇଁ ଆଲୋଚନା ଚାଲିଛି । ଏହି ପଦକ୍ଷେପର ମୂଳ ଲକ୍ଷ୍ୟ ହେଉଛି ଘରୋଇ ଖେଳାଳି ଏବଂ ଲାଭଜନକ ଆଇପିଏଲରେ ଅଂଶଗ୍ରହଣ କରୁଥିବା ଖେଳାଳିଙ୍କ ମଧ୍ୟରେ ଆର୍ଥିକ ବ୍ୟବଧାନକୁ ଦୂର କରିବା ।

**କ୍ରିକବଜ୍ ରିପୋର୍ଟ ଅନୁଯାୟୀ ବାର୍ଷିକ ୧୦ ଟି ରଣଜୀ ଟ୍ରଫି ଖେଳରେ ଅଂଶଗ୍ରହଣ କରୁଥିବା ଖେଳାଳିମାନେ ୭୫ ଲକ୍ଷରୁ ୧ କୋଟି ଟଙ୍କା ମଧ୍ୟରେ ରୋଜଗାର କରିପାରିବେ ।**



ବିସିସିଆଇ ବିଭିନ୍ନ ଯୋଜନା ଉପରେ ବିଚାର କରୁଛି, କିନ୍ତୁ ଏକ ସାଧାରଣ ସୂତ୍ର ଥିବା ପରି ମନେ ହେଉଛି । ବର୍ତ୍ତମାନର ଘରୋଇ କ୍ରିକେଟ୍ ଦେୟର ଦୁଇଗୁଣ ହୋଇପାରେ । କ୍ରିକବଜ୍ ରିପୋର୍ଟ ଅନୁଯାୟୀ ବାର୍ଷିକ ୧୦ ଟି ରଣଜୀ ଟ୍ରଫି ଖେଳରେ ଅଂଶଗ୍ରହଣ କରୁଥିବା ଖେଳାଳିମାନେ ୭୫ ଲକ୍ଷରୁ ୧ କୋଟି ଟଙ୍କା ମଧ୍ୟରେ ରୋଜଗାର କରିପାରିବେ ।

ଘରୋଇ କ୍ରିକେଟରଙ୍କ ପାଇଁ ବର୍ତ୍ତମାନର ବିସିସିଆଇ ପେମେଣ୍ଟର ଢାଞ୍ଚା ଅଭିଜ୍ଞତା ଉପରେ ନିର୍ଭର କରେ । ଅଧିକ ଅଭିଜ୍ଞତା ଥିବା ଖେଳାଳିମାନେ (୪୦ ରୁ ଅଧିକ ରଣଜୀ ଖେଳିଥିଲେ) ପ୍ରତିଦିନ ୬୦,୦୦୦ ଟଙ୍କା ରୋଜଗାର କରୁଥିବାବେଳେ ମଧ୍ୟମ ଅଭିଜ୍ଞତା ଥିବା ବ୍ୟକ୍ତି (୨୧-୪୦ ମ୍ୟାଚ୍) ୫୦,୦୦୦ ଟଙ୍କା ପାଇବେ ଏବଂ ନୂତନ ଖେଳାଳି (୨୦ ମ୍ୟାଚ୍) ଖେଳିଥିଲେ ୪୦,୦୦୦ ଟଙ୍କା ପାଇବେ । ରିଜର୍ଭ ଥିବା ଖେଳାଳିମାନେ କମ୍ ରୋଜଗାର କରିବେ । ଏହି ଢାଞ୍ଚା ଉପରେ ଆଧାର କରି, ଏକ ସିଜିନରେ କ୍ରିକେଟର ପୂର୍ଣ୍ଣ ରଣଜୀ ଟ୍ରଫି ସିଜିନରେ (ଫାଇନାଲ୍ ଅନ୍ତର୍ଭୁକ୍ତ କରି) ସମ୍ଭବତ ୨୫ ଲକ୍ଷ ପର୍ଯ୍ୟନ୍ତ ରୋଜଗାର କରିପାରନ୍ତି ।

ଏହି ବ୍ୟବସ୍ଥା ବିଜୟ ହାଜାରେ ଏବଂ ମୁସ୍ତାକ ଅଲି ଟ୍ରଫି ପରି ଅନ୍ୟ ବିସିସିଆଇ ଘରୋଇ ଟୁର୍ନାମେଣ୍ଟକୁ ବିସ୍ତାର କରିଛି । ତେବେ, ଆସନ୍ତା ସିଜିନରୁ ଘରୋଇ ଖେଳାଳିଙ୍କ ପାରିଶ୍ରମିକ ବୃଦ୍ଧି ହେବାର ଏକ ଦୃଢ ସମ୍ଭାବନା ଅଛି । ଯାହା ଖେଳାଳିମାନଙ୍କର ରୋଜଗାରକୁ ବଢାଇବା ପାଇଁ ବିସିସିଆଇ ସକ୍ରିୟ ଭାବରେ ଅନୁସନ୍ଧାନ କରୁଛି ।

# 'ଆମେ ଧନୀ ଲୋକ, ଗରିବ ଦେଶକୁ ଖେଳିବାକୁ ଯିବୁନି'

## ସେହୱାଗଙ୍କ ଉତ୍ତର ସୋସିଆଲ୍ ମିଡିଆରେ ଭାଇରାଲ୍




**ମୁମ୍ବାଇ, ୨୫।୪:** ପୂର୍ବତନ ଅଷ୍ଟ୍ରେଲିଆ ଓ୍ୱିକେଟ୍ କିପର ଆଡାମ୍ ଗିଲକ୍ରିଷ୍ଟଙ୍କୁ ଆଇନା ଦେଖାଇଲେ ବୀରେନ୍ଦ୍ର ସେହୱାଗ । ଏକ ପୋଡକାଷ୍ଟରେ ଗିଲକ୍ରିଷ୍ଟଙ୍କ ପ୍ରଶ୍ନର କୌତୁହଳପୂର୍ଣ୍ଣ ଜବାବ ଦେଇଛନ୍ତି ଭାରତୀୟ କ୍ରିକେଟ୍ ଟିମର ପୂର୍ବତନ ବିସ୍ଫୋରକ ଓପନର ସେହୱାଗ । ଭାରତୀୟ ଖେଳାଳିଙ୍କୁ ଆଗାମୀ ଦିନରେ ଅନ୍ୟାନ୍ୟ ଟି-୨୦ ଲିଗ୍ କ୍ରିକେଟ୍ ଖେଳିବାକୁ ଅନୁମତି ମିଳିବ କି ନାହିଁ ବୋଲି ଆଡାମ୍ ଗିଲକ୍ରିଷ୍ଟଙ୍କ ପ୍ରଶ୍ନ କରିଥିଲେ । ଏହାର ଜବାବ ଦେଇ ସେହୱାଗ କହିଥିଲେ, ଆମେ ଅନ୍ୟ 'ଟି-୨୦ ଖେଳିବୁ ଯିବୁ ନାହିଁ' । 'କାରଣ ଆମେ ଧନୀ, ଆମେ ଗରିବ ଦେଶକୁ ଖେଳିବାକୁ ଚାହିଁବୁନି ।'

ଚଳିତ ଆଇପିଏଲ ସିଜିନ୍ ପ୍ରତିଦିନ ରୋମାଞ୍ଚକର ମ୍ୟାଚ୍ ଦେଖିବାକୁ ମିଳୁଛି । ପ୍ରତ୍ୟେକ ଦିନ ରେକର୍ଡ ଭାଙ୍ଗୁଛି । ଏହି ଇଣ୍ଡିଆନ୍ ପ୍ରିମିୟର ଲିଗ୍ ଖେଳିବାକୁ ବହୁ ଦେଶ ଖେଳାଳି ଭାରତ ଆସୁଛନ୍ତି । ସେହିପରି ବହୁ ପୂର୍ବତନ ଖେଳାଳି ଭାଷ୍ୟକାର ଭାବେ ଭାରତ ଆସୁଛନ୍ତି । ତେବେ କହିବାକୁ ଗଲେ ଭାରତରେ ଫଟାଫଟ୍ କ୍ରିକେଟର ଏକ ପର୍ବ ଚାଲିଛି । ଏହି ସମୟରେ କିଛି ପୂର୍ବତନ ଖେଳାଳିଙ୍କ ମଧ୍ୟରେ ସୋସିଆଲ୍ ମିଡିଆ ପୋଡକାଷ୍ଟରେ ଆଲୋଚନା ଚାଲିଛି । ଏହି ପୋଡକାଷ୍ଟରେ ଆଡାମ୍ ଗିଲକ୍ରିଷ୍ଟ ଭାଗ ନେଇ ଏଭଳି ପ୍ରଶ୍ନ କରିଥିଲେ । ସେ କହିଥିଲେ, ବିଶ୍ୱର ଅନ୍ୟ ଟି-ଟ୍ୱେଣ୍ଟି ଲିଗ୍ ମଧ୍ୟ ଭାରତୀୟ ଖେଳାଳିମାନଙ୍କ ସହିତ ଚୁକ୍ତି କରିବାକୁ ଆଶାବାଦୀ ଅଛନ୍ତି, ହେଲେ ବିସିସିଆଇ ସେମାନଙ୍କୁ ଅନୁମତି ଦେଉନାହିଁ । ଏହାର ଜବାବରେ ସେହୱାଗ କହିଥିଲେ, ଭାରତୀୟ ଖେଳାଳି ଧନୀ । ସେମାନଙ୍କୁ ଗରିବ ଦେଶକୁ ଲିଗ୍ କ୍ରିକେଟ୍ ଖେଳିବାକୁ ଯିବେ ନାହିଁ । ସେହୱାଗଙ୍କ ଏଭଳି ଉତ୍ତର କୌତୁହଳ ସୃଷ୍ଟି କରିଛି । ଅତୀତର

**ଭାରତୀୟ ଖେଳାଳିଙ୍କୁ ଆଗାମୀ ଦିନରେ ଅନ୍ୟାନ୍ୟ ଟି-୨୦ ଲିଗ୍ କ୍ରିକେଟ୍ ଖେଳିବାକୁ ଅନୁମତି ମିଳିବ କି ନାହିଁ ବୋଲି ଆଡାମ୍ ଗିଲକ୍ରିଷ୍ଟଙ୍କ ପ୍ରଶ୍ନ କରିଥିଲେ । ଏହାର ଜବାବ ଦେଇ ସେହୱାଗ କହିଥିଲେ, ଆମେ ଅନ୍ୟ 'ଟି-୨୦ ଖେଳିବୁ ଯିବୁ ନାହିଁ' । 'କାରଣ ଆମେ ଧନୀ, ଆମେ ଗରିବ ଦେଶକୁ ଖେଳିବାକୁ ଚାହିଁବୁନି ।'**

ଏକ କଥାକୁ ମନେ ପକାଇ କହିଥିଲେ, ସେ ଅବସର ନେବା ପୂର୍ବରୁ ଭାରତୀୟ ଦଳରୁ ବାଦ୍ ପଡ଼ିଥିଲେ । ଏହି ସମୟରେ ତାଙ୍କୁ ବିଗ୍ ବାସ୍‌ରେ ଖେଳିବା ପାଇଁ ପ୍ରସ୍ତାବ ମିଳିଥିଲା । ଯାହାର ପାଉଣା ଥିବା ମାତ୍ର ୧ ଲକ୍ଷ ଡଲାର । ତେଣୁ ଏହି ସେହୱାଗ ଏହି ପ୍ରସ୍ତାବରେ ରାଜି ହୋଇନଥିଲେ । କାରଣ ବିଦେଶରେ ଛୁଟି କାଟିବା ସମୟରେ ସେ ଦିନକୁ ଏତିକି ଅର୍ଥ ଖର୍ଚ୍ଚ କରୁଥିଲେ ବୋଲି କହିଛନ୍ତି ।

ବିଗ୍ ବାସ୍ କିମ୍ବା ହିଣ୍ଡ୍ରେଡ୍ ଭଳି ଲିଗରେ କ୍ରିକେଟରେ ୧ଲକ୍ଷ କିମ୍ବା ୨ ଲକ୍ଷ ଡଲାର ମିଳୁଛି । ଭାରତୀୟ ଖେଳାଳିମାନେ ଏତେ କମ୍ ଅର୍ଥରେ ସେଠାକୁ ଯିବେ ନାହିଁ ବୋଲି ବୀରେନ୍ଦ୍ର ସେହୱାଗ କହିଛନ୍ତି । ଯାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି ।

## ଟି-୨୦ ବିଶ୍ୱକପ୍ ପାଇଁ ଇରଫାନଙ୍କ ୧୫ ଜଣିଆ ଭାରତୀୟ ଦଳ

**ନୂଆଦିଲ୍ଲୀ, ୨୫।୪:** ଦେଶରେ ବର୍ତ୍ତମାନ ଆଇପିଏଲ୍ ଫିବର । ଦୁନିଆର ସବୁଠୁ ବଡ଼ ଟି-୨୦ ଲିଗ୍‌ରେ ଦେଖିବାକୁ ମିଳୁଛି ଗୋଟିଏ ପରେ ଗୋଟିଏ ବଡ଼ ରୋମାଞ୍ଚର ମୁକାବିଲା । ଆଉ ଏହା ମଧ୍ୟରେ ଚାଲିଛି ଟି-୨୦ ବିଶ୍ୱକପ୍ ଚର୍ଚ୍ଚା । କାରଣ ଆଉ କିଛି ଦିନ ଭିତରେ ବିସିସିଆଇ ଟି-୨୦ ବିଶ୍ୱକପ୍ ପାଇଁ ଭାରତୀୟ ଦଳ ଘୋଷଣା କରିବ । ଏହି କ୍ରମରେ ପୂର୍ବତନ ଭାରତୀୟ ଅଲରାଉଣ୍ଡର ଇରଫାନ ପଠାନ ୨୦୨୪ ଟି-୨୦ ବିଶ୍ୱକପ୍ ପାଇଁ ନିଜ ପସନ୍ଦର ୧୫ ଜଣିଆ ଦଳ ଚୟନ କରିଛନ୍ତି । ଇରଫାନ ନିଜ ଦଳରେ ଚକିତ କରିଦେବା ପରି ଖେଳାଳିଙ୍କୁ ସାମିଲ୍ କରିଛନ୍ତି । ଏହି ପୂର୍ବତନ ବାମହାତୀ ଅଲରାଉଣ୍ଡର ଟି-୨୦ ବିଶ୍ୱକପ୍ ପାଇଁ ବହୁତ ଶକ୍ତିଶାଳୀ ଦଳ ଚୟନ କରିଛନ୍ତି । ସେ ଏହି ଦଳରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଗୋଟିଏ ସର୍ତ୍ତରେ ରଖିଛନ୍ତି । ଇରଫାନ କହିଛନ୍ତି ଯଦି ହାର୍ଦ୍ଦିକ ପାଣ୍ଡ୍ୟା ଲଗାତାର ବୋଲିଂ କରିବେ ତେବେ ତାଙ୍କୁ ଟି-୨୦ ବିଶ୍ୱକପ୍ ଦଳରେ ସ୍ଥାନ ମିଳିବା ଉଚିତ୍ । ଅର୍ଥାତ ଇରଫାନ ହାର୍ଦ୍ଦିକଙ୍କୁ କେବଳ ବ୍ୟାଟର ଭାବେ ଦଳରେ ସାମିଲ କରାଯିବା ସପକ୍ଷରେ ନାହାନ୍ତି । ସେ ନିଜ ଦଳରେ ବିରାଟ କୋହଲିଙ୍କୁ ସ୍ଥାନ ଦେଇଛନ୍ତି । ଏହା ବ୍ୟତୀତ ଚଳିତ ଆଇପିଏଲ୍ ?ରେ ବଡ଼ ବଡ଼ ଛକା ମାରୁଥିବା ଶିବମ ଦୁବେଙ୍କୁ ଦଳରେ ରଖିଛନ୍ତି । ଦ୍ରୁତ ବୋଲର ୟୁନିଟରେ ବୁମରା, ଅର୍ଶଦୀପ ସିଂ ଓ ମହମ୍ମଦ ସିରାଜଙ୍କୁ ଦଳରେ ସାମିଲ କରିଛନ୍ତି । ଇରଫାନ ଶୁଭମନ ଗିଲ୍ ଓ ସଞ୍ଜୁ ସାମସନଙ୍କ ମଧ୍ୟରୁ ଜଣଙ୍କୁ ଦଳରେ ସାମିଲ କରାଯିବାର ବିକଳ୍ପ ରଖିଛନ୍ତି ।

**୧୫ ଜଣିଆ ଦଳ**

**ରୋହିତ ଶର୍ମା(ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଋଷଭ ପନ୍ତ(ଓ୍ୱିକେଟ୍ କିପର), ଶିବମ ଦୁବେ, ହାର୍ଦ୍ଦିକ ପାଣ୍ଡ୍ୟା(ଯଦି ବୋଲିଂ କରିବେ), ରିଙ୍କୁ ସିଂ, ରବୀନ୍ଦ୍ର ଜାଡ଼େଜା, କୁଲଦୀପ ଯାଦବ, ଯଶପ୍ରୀତ ବୁମରା, ଅର୍ଶଦୀପ ସିଂ, ମହମ୍ମଦ ସିରାଜ, ଶୁଭମନ ଗିଲ୍/ସଞ୍ଜୁ ସାମସନ, ରବି ବିଷ୍ଣୋଇ/ୟୁଜବେନ୍ଦ୍ର ଚହଲ।**

# ଟି-୨୦ ବିଶ୍ୱକପ୍ ପାଇଁ ରିଷଭ୍ ନା ଆଉ କିଏ ?



**ନୂଆଦିଲ୍ଲୀ, ୨୫।୪:** ଟି-ଟ୍ୱେଣ୍ଟି ବିଶ୍ୱକପ ପାଇଁ ଓ୍ୱିକେଟ୍ କିପର ରେସରେ ରିଷଭ୍ ପନ୍ତ । ଓ୍ୱାର୍ଲ୍ଡକପ୍ ପୂର୍ବରୁ ଆଇପିଏଲରେ ଦମଦାର୍ ପ୍ରଦର୍ଶନ । ୪୦ତମ ମୁକାବିଲାରେ ଗୁଜରାଟ ବିରୋଧରେ ବିସ୍ଫୋରକ ଇନିଂଶ ଖେଳିଛନ୍ତି ପନ୍ତ । ଶେଷ ଓଭରରେ ଛକା-ଚୌକା ବର୍ଷା କରିଥିଲେ । ମୋହିତ୍ ଶର୍ମାଙ୍କୁ ୩୧ ରନ୍ ପିଟି ଦଳକୁ ମଜବୁତ୍ ସ୍ଥାନରେ ପହଞ୍ଚାଇଥିଲେ । ଫଳରେ ଗୁଜରାଟ ଟାଇଟନ୍ସକୁ ଦିଲ୍ଲୀ କ୍ୟାପିଟାଲ୍ସ ୨୨୫ ରନର ଟାର୍ଗେଟ୍ ଦେଇଥିଲା ଏବଂ ଏହି ମ୍ୟାଚରେ ୪ ରନରେ ଦଳ ବିଜୟୀ ହୋଇଛି ।

**ଆଇପିଏଲରେ ଚମତ୍କାର ବ୍ୟାଟିଂ ଚୟନକର୍ତ୍ତାଙ୍କୁ ଚିନ୍ତା କରିବାକୁ ବାଧ କରିବ**

୨୦ତମ ଓଭରରେ ଟାଇଟନ୍ସ ପକ୍ଷରୁ ମୋହିତ୍ ଶର୍ମା ବୋଲିଂ କରିବାକୁ ଆସିଥିଲା । ଏହି ସମୟରେ ଷ୍ଟ୍ରାଇକ୍‌ରେ ଥିଲେ ରିଷଭ ପନ୍ତ । ତାଙ୍କୁ ସ୍ଲୋର ଲେନ୍ଥ ବଲ୍ ପକାଇ ବାଉଣ୍ଡାରୀ ରୋକିବାକୁ ଚେଷ୍ଟା କରିଥିଲେ । ମାତ୍ର ପନ୍ତ ବ୍ୟାଟିଂରେ ଗିୟର ବଦଳାଇ ରନ ବର୍ଷା କରିଥିଲେ । ପ୍ରଥମ ବଲ୍ ୨ ରନ୍, ପରେ ଓ୍ୱାଇଡ୍, ତା'ପରେ ୬,୪,୬,୬,୬ ମାରି ମୋହିତ୍ ଶର୍ମାଙ୍କ ଲାଇନ୍ ଲେନ୍ଥ ବିଗାଡ଼ି ଦେଇଥିଲେ । ବୁଧବାର ମ୍ୟାଚରେ ସେ ୪୩ଟି ବଲ୍ ଖେଳି ୮୮ ରନ ସଂଗ୍ରହ କରିଥିଲେ । ରିଷଭ୍ ପନ୍ତଙ୍କ ଏହି ବିସ୍ଫୋରକ ଇନିଂଶ ଦେଖି ଟି-ଟ୍ୱେଣ୍ଟି ଓ୍ୱାର୍ଲ୍ଡକପ୍ ଟିକେଟ୍ ଫାଇନାଲ୍ ବୋଲି କ୍ରିକେଟ୍ ବିଶେଷଜ୍ଞ ମତ ଦେଇଛନ୍ତି ।

ଆଇପିଏଲ-୨୦୨୪ରେ ରିଷଭ୍ ପନ୍ତ ଏଯାଏଁ ୯ଟି ମ୍ୟାଚ୍ ଖେଳିଛନ୍ତି । ଏଥିରୁ ୪୮.୮୬ ହାରରେ ୩୪୨ ରନ୍ ସଂଗ୍ରହ କରିଛନ୍ତି । ଦୁର୍ଘଟଣାରୁ ଫେରିବା ପରେ ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ରିଷଭ ପନ୍ତ ୧୬୧.୩୨ ଷ୍ଟ୍ରାଇକ୍ ରେଟ୍‌ରେ ବ୍ୟାଟିଂ କରୁଛନ୍ତି । ଏଥିରେ ୩ଟି ଅର୍ଦ୍ଧଶତକ ରହିଛି । ପନ୍ତଙ୍କ ଏହି ଖେଳ ବିସିସିଆଇ ଚୟନକର୍ତ୍ତାଙ୍କୁ ନିଶ୍ଚିତ ଭାବେ ଭାବିବାକୁ ବାଧ କରିବ । ଟି-ଟ୍ୱେଣ୍ଟି ବିଶ୍ୱକପ ପାଇଁ ଓ୍ୱିକେଟ୍ କିପର ରେସ୍‌ରେ ରହିଛନ୍ତି, ସଞ୍ଜୁ ସାମସନ୍, ଦିନେଶ କାର୍ତ୍ତିକ୍, ଧ୍ରୁବ୍ ଝୁରେଲ୍, ଇଶାନ କିଷାନ । ହେଲେ ରିଷଭ୍ ପନ୍ତ ସମସ୍ତଙ୍କ ଚମତ୍କାର ବ୍ୟାଟିଂ ତାଙ୍କୁ ଆଗରେ ରଖିଛି । ରିଷଭ୍ ବିଶ୍ୱକପ୍ ଟିକେଟ୍ ମିଳିବା ନିଶ୍ଚିତ ବୋଲି କୁହାଯାଉଛି ।

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar